بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6 | ସଂଖ୍ୟା 01

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

07 ଜାନୁୟାରୀ 2021 | 07 ସୁଲାହ୍ 1400 ହି.ଶ | 22 ଜମାଦିଲ୍ ଅୱ୍ୱଲ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

مَنۡ کَانَ یُرِیۡدُ ثَوَابَ الدُّنۡیَا
فَعِنۡدَ اللّٰہِ ثَوَابُ الدُّنۡیَا وَالۡاٰخِرَۃِ ؕ
وَکَانَ اللّٰہُ سَمِیۡعًۢا بَصِیۡرًا ○

(135:النساء)

ଅନୁବାଦ- ଯେଉଁ ବ୍ୟକ୍ତି ଇହଲୋକରେ ପୁରସ୍କାର କାମନା କରୁଥାଏ, ତେବେ (ସେ ଜାଣି ରଖୁ ଯେ) ତାହା ପାଇଁ ଅଲ୍ଲାଃଙ୍କ ନିକଟରେ (ଉଭୟ) ଇହଲୋକ ଓ ପରଲୋକର ପୁରସ୍କାର ରହିଅଛି; ଏବଂ ଅଲ୍ଲାଃ ହିଁ ମହାନ୍ ଶ୍ରୋତ (ଓ) ମହାନ୍ ଦ୍ରଷ୍ଟା ।

*(ନିସା: ୧୩୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ସାମ୍ପ୍ରତିକ ଅନୁସନ୍ଧାନରୁ ଏହା ପ୍ରମାଣିତ ହୋଇଅଛି ଯେ ଏହି ପ୍ଲେଗ୍ ମହାମାରୀର ମୂଳ କାରଣ ହେଉଛି କ୍ଷୁଦ୍ର ଜୀବାଣୁ । ମୁଁ ମଧ୍ୟ ଏହି ଅନୁସନ୍ଧାନରେ ସନ୍ତୁଷ୍ଟ । କାରଣ ଏହା ଦ୍ୱାରା ରସୁଲୁଲ୍ଲାଃ ସ:ଆ:ସଙ୍କ ବୈଭବ ଓ ଇସ୍‌ଲାମ୍‌ର ସତ୍ୟତା ପ୍ରମାଣିତ ହୋଇଥାଏ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ସାମ୍ପ୍ରତିକ ବୈଜ୍ଞାନିକ ଅନୁସନ୍ଧାନ ଇସ୍‌ଲାମ୍‌କୁ ସମର୍ଥନ କରୁଅଛି ।

ସାମ୍ପ୍ରତିକ ଅନୁସନ୍ଧାନରୁ ଏହା ଜଣାପଡ଼ିଛି ଯେ ଏହି ପ୍ଲେଗ୍ ମହାମାରୀର ବାହକ ହେଉଛନ୍ତି କ୍ଷୁଦ୍ର ଜୀବାଣୁ । ମୁଁ ମଧ୍ୟ ଏହି ଅନୁସନ୍ଧାନରେ ସନ୍ତୁଷ୍ଟ । କାରଣ ଏତଦ୍‌ଦ୍ୱାରା ଅଲ୍ଲାଃଙ୍କ ରସୁଲ ସ:ଆ:ସଙ୍କ ମହାନତା ଓ ଇସ୍‌ଲାମ୍‌ର ସତ୍ୟତା ପ୍ରମାଣିତ ହୋଇଥାଏ । ହଦିସ୍‌ରେ ଏହି ରୋଗର ନାମକରଣ "ନଗଫ୍" କରାଯାଇଛି ଏବଂ "ନଗଫ୍" ଶବ୍ଦଟି ଆରବୀ ଭାଷାରେ ଏପରି ପରଜୀବୀକୁ ବୁଝାଏ ଯାହା ଛେଳି ଓ ଓଟମାନଙ୍କ ନାକରେ ବିକଶିତ ହୋଇଥାଏ ଓ ତାହାକୁ ତାଉନ୍ (ମହାମାରୀ) ଅଭିହିତ କରାଯାଇଅଛି । ବର୍ତ୍ତମାନ ଯେଉଁ ଅନୁସନ୍ଧାନ କରାଯାଉଅଛି ସେଥିରେ ବହୁତ ଗର୍ବ କରାଯାଉଅଛି କିନ୍ତୁ ଯେଉଁମାନେ ପବିତ୍ର ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ପବିତ୍ର ବାଣୀକୁ ଅଧ୍ୟୟନ କରୁଛନ୍ତି, ସେମାନଙ୍କୁ ଏଥିରେ ଅପାର ଆନନ୍ଦ ମିଳିଥାଏ କାରଣ ତେରଶହ ବର୍ଷ (୧୩୦୦ ବର୍ଷ) ପୂର୍ବରୁ ତାହାଙ୍କ ଶ୍ରୀମୁଖରୁ ନିସୃତ ଏହି ବାଣୀ ସତ୍ୟ ପ୍ରମାଣିତ ହୋଇଅଛି ଏବଂ ପବିତ୍ର କୁର୍‌ଆନ୍ ମଧ୍ୟ ଏହାକୁ ଏକ "କୀଟ" ବୋଲି ଦର୍ଶାଇଛି । ଏବେ ଏହି ନୂଆ ଅନୁସନ୍ଧାନ ଉପରେ ଗର୍ବ କରୁଥିବା ହେ ଲୋକମାନେ ! ଈଶ୍ୱରଙ୍କ ଖାତିର୍ ଟିକିଏ ନ୍ୟାୟସଙ୍ଗତ ଟିପ୍ପଣି ଦେଇ ଏହା ବତାଓ ଯେ କଣ ଏପରି ଧର୍ମ କେବେ ମନୁଷ୍ୟକୃତ ଧର୍ମ ହୋଇପାରେ କି ? ଯେଉଁଥିରେ ଏପରି ସତ୍ୟତା ପୂର୍ବରୁ ମହଜୁଦ ରହିଛି ଏବଂ ତାହା ହେଉଛି ତେର ଶହ ବର୍ଷର ପରିଶ୍ରମ, ଅନୁସନ୍ଧାନ ଏବଂ ଅହରହ ପ୍ରୟାସର ଫଳ । ଏହା ହେଉଛି ପବିତ୍ର କୁର୍‌ଆନ୍ ଏବଂ ଆମ ନବୀ ଶିରୋମଣି ସ:ଆ:ସଙ୍କ ବୌଦ୍ଧିକ ଚମତ୍କାର । ଦେଖନ୍ତୁ ଆରବୀ ଭାଷାରେ "ହୃଦୟ" ନିମନ୍ତେ "କଲବ୍" ଶବ୍ଦ ବ୍ୟବହାର ହୋଇଥାଏ ଓ ଏହି "କଲବ୍"ଶବ୍ଦଟି ଘୂର୍ଣ୍ଣନ କରୁଥିବା ବସ୍ତୁକୁ ମଧ୍ୟ ବୁଝାଇଥାଏ ।

ଆମେ ଏକଥା ଜାଣିଛେ ଯେ ରକ୍ତ ସଂଚାଳନ ହୃଦୟ ଉପରେ ନିର୍ଭର କରିଥାଏ । ସାମ୍ପ୍ରତିକ ଅନୁସନ୍ଧାନ ଦୀର୍ଘ ସମୟ ପ୍ରୟାସ ଓ ବହୁତ ମୁଣ୍ଡ ଖଟାଇବା ପରେ ଏହି ରକ୍ତ ସଂଚାଳନ ହେବା ବିଷୟ ଆବିଷ୍କାର କରିଛି । ଯେବେକି ଇସ୍‌ଲାମ୍ ବହୁ ପୂର୍ବରୁ ହୃଦୟର ନାମ "କଲବ୍" ନିର୍ଦ୍ଧାରଣ କରି ଏହି ସତ୍ୟତାକୁ ନା କେବଳ ସୂଚିତ କରିଛି ବରଂ ଏହାକୁ ସୁରକ୍ଷିତ ମଧ୍ୟ କରି ରଖିଛି । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୩୬-୨୩୭ ପ୍ରକାଶନ୨୦୧୮ କାଦିୟାନ)***

**ଯେଉଁ ପ୍ରଭୁ ତୁମକୁ ନିର୍ଜୀବରୁ ଜୀବନ୍ତ କରିଛନ୍ତି ଓ ପୁଣି ଜୀବନ ଦେବାପରେ ମୃତ୍ୟୁ ଦେଉଛନ୍ତି ତାହାଙ୍କ ସମ୍ବନ୍ଧରେ ଏପରି ଭାବନା ରଖିବା ଯେ ସେ ମୃତ୍ୟୁପରେ ପୂନର୍ବାର ଜୀବନ ଦେଇପାରିବ ନାହିଁ, ଏହା ବୁଦ୍ଧି ବିପରୀତ କଥା ।**

ସୁରଃ ବକ୍‌ରାଃର ଆୟତ ନଂ ୨୯ :- **କୈଫା ତକ୍‌ଫୁରୁନା ବିଲ୍ଲାହି ୱ କୁନ୍‌ତୁମ୍ ଅମ୍‌ୱାତନ୍ ଫଅହ୍‌ୟାକୁମ୍ ସୁମ୍ମା ୟୁମିତୁକୁମ୍ ସୁମ୍ମା ୟୁହ୍‌ୟିକୁମ୍ ସୁମ୍ମା ଇଲୈହେ ତୁର୍‌ଯଉନ୍** (ଅର୍ଥାତ:- ହେ ଲୋକମାନେ ! ତୁମେମାନେ କିପରି ଅଲ୍ଲାଃଙ୍କ (କଥା) ପ୍ରତି ଅବିଶ୍ୱାସ କରୁଛ ? ଅଥଚ ତୁମେମାନେ ନିର୍ଜୀବ ଥିଲ ଏବଂ ଏହାପରେ ସେ ତୁମମାନଙ୍କୁ ମୃତ୍ୟୁ ମୁଖରେ ପକାଇବେ; ଏହାପରେ ତୁମମାନଙ୍କୁ ଜୀବିତ କରାଇବେ, ପୁଣି ତୁମମାନଙ୍କୁ ତାହାଙ୍କ ନିକଟକୁ ଫେରାଇ ନିଆଯିବ ।) ଏହାକୁ ବ୍ୟାଖ୍ୟା କରି ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରିଛନ୍ତି ଯେ:-

ଏହି ଆୟତରେ ଏକଥା ବତାଇଯାଇଅଛି ଯେ ଯେଉଁ ଈଶ୍ୱର ତୁମକୁ ନିର୍ଜୀବରୁ ଜୀବନ୍ତ କରିଛନ୍ତି ଏବଂ ପୁଣି ଜୀବନ ଦେବାପରେ ମୃତ୍ୟୁ ପ୍ରଦାନ କରନ୍ତି, ସେହି ପ୍ରଭୁଙ୍କ ସମ୍ବନ୍ଧରେ ଏପରି ଧାରଣା ରଖିବା ବୁଦ୍ଧିର ବିପରୀତ ଯେ ସେ ପୂନର୍ବାର ଜୀବନ ଦେଇପାରିବେ ନାହିଁ । ଯଦି ଦ୍ୱିତୀୟ ଥର ଜୀବନ ମିଳିବାକୁ ଅଛି ତେବେ ପୁଣି ସେହି ପ୍ରଭୁଙ୍କ ନିକଟରୁ କୌଣସି ହିଦାୟତ (ମାର୍ଗଦର୍ଶନ) ନିଶ୍ଚିତ ରୂପେ ମିଳିବା ଉଚିତ ଯଦ୍ୱାରା ତାହା ମଣିଷକୁ ଦ୍ୱିତୀୟ ଜୀବନ ପାଇଁ ପ୍ରସ୍ତୁତ କରି ରଖିବ ।

ଏହା କେଡ଼େ ସରଳ ଓ ସୁନ୍ଦର ଯୁକ୍ତି ଯେ ଯଦି ଅଲ୍ଲାଃଙ୍କର କୌଣସି ବିଶେଷ ଉଦ୍ଦେଶ୍ୟ ନଥିଲା ତା'ହେଲେ ଏକ ନିର୍ଜୀବକୁ ଜୀବନ୍ତ କରିବାର କଣ ଆବଶ୍ୟକ ଥିଲା ? ଧରାଯାଉ ଯଦି କୌଣସି ଉଦ୍ଦେଶ୍ୟ ନଥିଲା ତେବେ ସେ ଏକ ବୁଦ୍ଧିମାନ ଅସ୍ତିତ୍ୱକୁ କାହିଁକି ସୃଷ୍ଟି କଲା ଓ କାହିଁକି ମାରିଲା ? ଯଦି ଏହି ଦୁନିଆର ସୁଖ ଓ ଆନନ୍ଦ ମଣିଷ ପାଇଁ ଧାର୍ଯ୍ୟ ଥିଲା ତାହେଲେ ଏତେ ଲମ୍ବା ପ୍ରକ୍ରିୟା ପରେ ନିର୍ଜୀବରୁ ଜୀବନ୍ତ ବନାଇ ପୁଣିତ ତାକୁ ମୃତ୍ୟୁର ସ୍ୱାଦ କାହିଁକି ଚଖାଇଲା ? ଯଦି ଏହି ମୃତ୍ୟୁପରେ ଆଉ ଏକ ଉତମ ଜୀବନ ପ୍ରଦାନ କରିବାର କୌଣସି ଉଦ୍ଦେଶ୍ୟ ନଥିଲା ।

ଯେଉଁ ଲୋକମାନେ ଏ ଚିନ୍ତାଧାରା ରଖିଛନ୍ତି ଯେ ମୃତ୍ୟୁ ପରେ କୌଣସି ପ୍ରକାରର କବର ଯନ୍ତ୍ରଣା ନାହିଁ, ବରଂ ବୈକୁଣ୍ଠ ଓ ନର୍କ ଯଦି ଭୋଗିବାକୁ ହେବ ଦେଖାଅଛି । ସେମାନଙ୍କର ଏପରି ଚିନ୍ତାଧାରାକୁ ଏହି ଆୟତ ଖଣ୍ଡନ କରିଥାଏ କାରଣ ଏଥିରେ ପାଂଚଟି

## ନବୀ ସ:ଆ:ସଙ୍କ ବାଣୀ

### ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଦୁଆ (ପ୍ରାର୍ଥନା)ର ଚମତ୍କାର

(୯୩୩) ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସଙ୍କ ସମୟରେ ଏକଦା ଦୁର୍ଭିକ୍ଷ ପଡ଼ିବା ଯୋଗୁଁ ଲୋକେ ବହୁତ ଅସୁବିଧାରେ ପଡ଼ିଗଲେ । ସେହି ସମୟରେ ନବୀ ସ:ଆ:ସ ଯୁମା ଦିନ ଖୁତ୍‌ବା ଦେଉଥିବା ବେଳେ ଜଣେ ଗାଉଁଲି ଲୋକ ଛିଡ଼ା ହୋଇ କହିଲା ହେ ଅଲ୍ଲାଃଙ୍କ ରସୁଲ୍ ! ଜୀବଜନ୍ତୁ ମରିଗଲେଣି ଓ ପିଲାମାନେ ଭୋକିଲା ଅଛନ୍ତି । ଆପଣ ଆମମାନଙ୍କ ପାଇଁ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । ଏହା ଶୁଣି ମହାଭାଗ ନିଜ ଦୁଇ ହାତ ଦୁଆ (ପ୍ରାର୍ଥନା) କରିବାପାଇଁ ଉଠାଇଲେ । ସେତେବେଳେ ଆକାଶରେ ଖଣ୍ଡେ ମଧ୍ୟ ବାଦଲ ନଥିଲା । ମୁଁ ତାହାଙ୍କ ରାଣ ଖାଇ କହୁଛି ଯାହାଙ୍କ ହାତରେ ମୋ ଜୀବନ ରହିଛି ଯେ ମହାଭାଗ ସ:ଆ:ସ ନିଜର ହାତ ତଳକୁ କରିନଥିଲେ ଯେ ବାଦଲ ପାହାଡ଼ ସଦୃଶ ମାଡ଼ିଆସିଲା । ମହାଭାଗ ସେ ପର୍ଯ୍ୟନ୍ତ ମେମ୍ବର ଉପରୁ ଓହ୍ଲାଇଲେ ନାହିଁ ଯେ ପର୍ଯ୍ୟନ୍ତ ମୁଁ ପାଣି ବୁନ୍ଦା ଗୁଡ଼ିକୁ ମହାଭାଗ ସ:ଆ:ସଙ୍କ ଦାଢ଼ିରୁ ଟପକୁ ଥିବାର ନ ଦେଖିନେଲି । ଅତଏବ ସେହିଦିନ ଦିନତମାମ ଲଗାଣ ବର୍ଷା ଲାଗି ରହିଲା । ସେହିପରି ତା'ପର ଦିନ ଏବଂ ତା'ପର ଦିନ ଗୁଡ଼ିକରେ ମଧ୍ୟ ଆସନ୍ତା ଯୁମା ପର୍ଯ୍ୟନ୍ତ ବର୍ଷା ଜାରି ରହିଲା । ରାୱି (ବର୍ଣ୍ଣନାକାରୀ) କୁହନ୍ତି: ସେହି ଗାଉଁଲି ଲୋକ ବା ଆଉ ଜଣେ ବ୍ୟକ୍ତି ଛିଡ଼ା ହୋଇ କହିଲେ: ହେ ଅଲ୍ଲାଃଙ୍କ ରସୁଲ୍ ! ଘରଗୁଡ଼ିକ ଭୁଶୁଡ଼ି ଗଲାଣି ଓ ପଶୁମାନେ ପାଣିରେ ବୁଡ଼ି ଗଲେଣି । ଆପଣ ଆମମାନଙ୍କ ପାଇଁ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରନ୍ତୁ । ଏହା ଶୁଣି ମହାଭାଗ ନିଜର ହାତ ଉପରକୁ ଉଠାଇ ଏପରି ଦୁଆ କରିଲେ: ହେ ଅଲ୍ଲାଃ (ବର୍ଷା) ଆମ ଚତୁଃପାର୍ଶ୍ୱରେ ହେଉ ଆମ ଉପରେ ନ ହେଉ । ମହାଭାଗ ଯେଉଁ ଦୀଗକୁ ହାତ ଉଠାଇ ଇସାରା କରୁଥିଲେ ତାହା ଫାଟି ଯାଉଥିଲା । ମଦିନା ପୋଖରୀ ସଦୃଶ ହୋଇଗଲା ଏବଂ କିନାତ୍ ନାଳଟି ଏକ ମାସ ପର୍ଯ୍ୟନ୍ତ ବହିଚାଲିଲା । ଯେଉଁ ଦିଗରୁ ବି କିଏ ଆସୁଥିଲା ସେ ମୁଷଳଧାରା ବର୍ଷା ହେବା ବିଷୟ କଥା କହୁଥିଲା । ***(ବୁଖାରୀ, ଖଣ୍ଡ-୨, କିତାବୁଲ୍ ଯୁମା ମୁଦ୍ରଣ କାଦିଆନ୍...... ୨୦୦୬)***

ପର୍ଯ୍ୟାୟ ବର୍ଣ୍ଣିତ ରହିଛି । ଗୋଟିଏ ନିର୍ଜୀବ ରହିଥିବାର ଯୁଗ ଦ୍ୱିତୀୟଟି ସାଂସାରିକ ଜୀବନର ଅବଧି ତୃତୀୟରେ ଶାରିରୀକ ମୃତ୍ୟୁର ସମୟ ଚତୁର୍ଥରେ ପୁଣି ଏକ ନୂଆ ଜୀବନ ମିଳିବାର ସମୟ ଏବଂ ଶେଷରେ ଏପରି ସମୟ ରହିଛି ଯେତେବେଳେ ମଣିଷ ପ୍ରଭୁଙ୍କ ସମ୍ମୁଖରେ ଉପସ୍ଥାପିତ ହେବ ଅର୍ଥାତ ମୃତ୍ୟୁପରେ ଜୀବନ ପାଇବା । ମୃତ୍ୟୁ ପରେ "ସୁମ୍ମା" ଶବ୍ଦଟିକୁ ରଖି "ଇଲୈହେ ତୁର୍‌ଯଉନ୍" କହିବା ଏହା ବତାଉଛି ଯେ ମୃତ୍ୟୁ ପରେ ଏକ ପ୍ରକାର ଜୀବନ ତ ମିଳିଯାଏ କିନ୍ତୁ ହଶର୍ (ହିସାବ ନିକାସ) ପରେ ହୋଇଥାଏ । ଏହି ଜୀବନ ଯାହା ହଶର ପୂର୍ବରୁ ମିଳିଥାଏ । ନିଶ୍ଚିତ ରୂପେ ଏଥିରେ ମଣିଷ ଦ୍ୱାରା କୌଣସି ଭଲ ବା ମନ୍ଦ କାର୍ଯ୍ୟ କରାଯାଇଥିବ ନଚେତ ଏପରି ଜୀବନର କୌଣସି ଅର୍ଥ ହିଁ ନାହିଁ ଏବଂ ଯଦି ଭଲ ଓ ମନ୍ଦ କାର୍ଯ୍ୟ ହୋଇଥାଏ ତେବେ ଏଥିରୁ ଜଣାପଡୁଛି ଯେ ହଶର ପୂର୍ବରୁ ମଧ ଏକ ଅସଂମ୍ପୁର୍ଣ୍ଣ ପୁରସ୍କାର ଓ ଅସଂମ୍ପୁର୍ଣ୍ଣ ଦଣ୍ଡ ମିଳିଥାଏ । ଏହାକୁ କବରର ହିସାବ ନିକାସ (ଦଣ୍ଡ ଓ ପୁରସ୍କାର) କୁହାଯାଏ । ଏକଥା ନବୀ କରିମ୍ ସ:ଆ:ସଙ୍କ ଠାରୁ ମଧ୍ୟ ପ୍ରମାଣିତ । ପବିତ୍ର କୋରାନ୍‌ର ଆଉ ଏକ ଆୟତ ସ୍ପଷ୍ଟ ଭାବରେ ଏହି ଦଣ୍ଡ ସମ୍ବନ୍ଧରେ ଚର୍ଚ୍ଚା କରିଛି । ଅଲ୍ଲାଃ ତାଲା କହୁଛନ୍ତି:- **ଅନ୍‌ନାରୁ ୟୁରଜୁନା ଆଲୈହା ଗୁହୁୱନ୍ ୱ ଅଶିୟା ୱ ୟୋମା ତକୁମୁସ୍ ସାଅତୁ ଅଦ୍‌ଖିଲୁ ଆଲା ଫିର୍‌ଅଓନା ଅଶଦ୍ଦଲ୍ ଅଜାବ୍ । (ସୁରଃ ଅଲ୍‌ମୁମିନ୍:୪୭)** ଅର୍ଥାତ ଫିରଔନ୍‌ର ସମ୍ପ୍ରଦାୟକୁ ସକାଳ ଓ ସନ୍ଧ୍ୟାରେ ନର୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥାଏ । ଯେବେ କୟାମତ୍‌ର ଦିନଟି ଆସି ପହଂଚିଯିବ ସେତେବେଳେ ତାଙ୍କୁ କୁହାଯିବ ଯେ ଫିର୍‌ଔନ୍‌ର ଲୋକମାନଙ୍କୁ କଠିନ ଶାସ୍ତି ମଧ୍ୟରେ ପ୍ରବେଶ କରାଅ । ଏହି ଆୟତରୁ ସ୍ପଷ୍ଟ ହେଉଅଛି ଯେ ନର୍କରେ ପ୍ରବେଶ କରିବା ପୂର୍ବରୁ ଫିର୍‌ଔନ୍‌ର ଲୋକମାନଙ୍କୁ ଦଣ୍ଡ ମିଳିଚାଲିଥିବ ଏବଂ ପବିତ୍ର କୁର୍‌ଆନ୍ ଅବତୀର୍ଣ୍ଣ ହେବା ସମୟରେ ମଧ୍ୟ ମିଳିଚାଲୁଥିଲା । ***(ତଫ୍‌ସିର୍ କବୀର୍, ଖଣ୍ଡ-୧, ପୃ-୨୬୫-୨୬୬...... ୨୦୧୦)***

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସେ ନିଜ ହାତକୁ ରୋକି ନେଲେ ଏହାର କାରଣ ସେ ବର୍ଣ୍ଣନା କରନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ମୁଁ ହଜୁର ସ:ଆ:ସଙ୍କ ତରବାରୀର ସମ୍ମାନ ରକ୍ଷା କରିବାକୁ ଯାଇ ଏପରି କଲି କି କଣ ମୁଁ ଉକ୍ତ ତରବାରୀ ମାଧ୍ୟମରେ ଏକ ଅବଳା ନାରୀକୁ ହତ୍ୟା କରିବି ? ତେଣୁ ମୋର ତରବାରୀଟି ଅଟକି ଗଲା ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସେହି ମହିଳାଙ୍କ ନାମ ହିନ୍ଦ୍ ଥିଲା ଯିଏ ଅବୁ ସୁଫିୟାନ୍‌ର ପତ୍ନୀ ଥିଲା ସେ ଅନ୍ୟ ମହିଳାମାନଙ୍କ ସହିତ ମିଶି ସେହି କବିତା ପାଠ କରୁଥିଲା । ହଜ୍‌ରତ୍ ଅବୁ ଦୁଜାନା ର:ଅ ଯେତେବେଳେ ତା ଉପରେ ତରବାରୀ ଉତଳନ କରିବାକୁ ଉଦ୍ୟମ କଲେ ସେତେବେଳେ ସେ ଚିତ୍କାର କରି ସାହାଯ୍ୟ ଭିକ୍ଷା କଲା ଏବଂ କହିଲା ହେ ସଖର୍ ! କିନ୍ତୁ କେହି ବି ତାହାର ସାହାଯ୍ୟ ପାଇଁ ଆସିଲେ ନାହିଁ । ହଜ୍‌ରତ୍ ଅବୁ ଦୁଜାନା ର:ଅ ନିଜ ତରବାରୀକୁ ନିମ୍ନମୁଖୀ କରିଦେଲେ ଏବଂ ସେଠାରୁ ଫେରିଗଲେ । ହଜ୍‌ରତ୍ ଜୁବୈର୍ ର:ଅ ପଚାରିବାରୁ ସେ କହିଲେ ମୁଁ ଏହାକୁ ନାପସନ୍ଦ କଲି କି ଯେ ମୁଁ ହଜୁର ସ:ଆ:ସଙ୍କ ତରବାରୀ ଦ୍ୱାରା କୌଣସି ନିରୀହ ଓ ଅବଳା ନାରୀକୁ ହତ୍ୟା କରେ । ଯାହାର କେହି ବି ସହାୟକ ନଥିଲେ । ***(ଅଲମୁସ୍‌ତଦ୍‌ରକ୍ ଅଲସ୍ ସହିହନ୍, ଖଣ୍ଡ-୩, ପୃ-୪୪୦-୪୪୧...... ରିୱାୟତ୍ ନଂ-୫୦୮୮..... ବେରୁତ ୨୦୦୨) (ଶରହ୍ ଅଲ୍ଲାମା ଜର୍‌କାନି..... ଖଣ୍ଡ-୨, ପୃ-୪୦୬-୪୦୭...... ବେରୁତ ୧୯୯୬)***

ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କୁ ଉକ୍ତ ଘଟଣାର ଚର୍ଚ୍ଚା କରି ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏପରି ଭାବରେ ଉଲ୍ଲେଖ କରିଛନ୍ତି ଯେତେବେଳେ କୁରୈଶ୍‌ର ଅବିଶ୍ୱାସୀକାରୀଙ୍କୁ ଯୁଦ୍ଧରେ ପରାଜୟ ବରଣ କରିବାକୁ ପଡ଼ିଲା ସେତେବେଳେ ଅବିଶ୍ୱାସକାରୀମାନେ ଉକ୍ତ ଦୃଶ୍ୟକୁ ଦେଖି କ୍ରୋଧିତ ହୋଇଉଠିଲେ ଏବଂ ହଠାତ୍ ଆକ୍ରମଣ କରିଦେଲେ, ମୁସଲମାନମାନେ ମଧ୍ୟ ଅଲ୍ଲାଃ ହୁ ଅକ୍‌ବର୍‌ର ତକ୍‌ବିର୍ ଉଚ୍ଚାରଣ କରି ଆଗକୁ ଅଗ୍ରସର ହେଲେ ଏବଂ ଉଭୟ ପକ୍ଷର ସୈନ୍ୟଦଳ ପରସ୍ପର ଉପରେ ଆକ୍ରମଣ କରିବାକୁ ଲାଗିଗଲେ । ହଜୁର ସ:ଆ:ସ ସମ୍ଭବତଃ ଏହି ଅବସରରେ ନିଜ ତରବାରୀ ହାତରେ ଧରି କହିଲେ, କିଏ ଉକ୍ତ ତରବାରୀର ପ୍ରକୃତ କର୍ତବ୍ୟ ସମ୍ପାଦନ କରିବ ? ସାହାବାମାନଙ୍କ ମଧ୍ୟରୁ ଅନେକ ସାହାବା ଗର୍ବର ସହିତ ଏହି ଅଭିଳାଷ କଲେ କି ଆମକୁ ତାହା ମିଳନ୍ତା କି ଏବଂ ନିଜ ହାତକୁ ପ୍ରସାରିତ କଲେ ସେହି ସାହାବାମାନଙ୍କ ମଧ୍ୟରେ କେବଳ ହଜ୍‌ରତ୍ ଉମର ଓ ହଜରତ ଜୁବୈର ନଥିଲେ ବରଂ ଅନ୍ୟ କେତେକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅବୁବକର ର:ଅ ଓ ହଜ୍‌ରତ୍ ଅଲୀ ର:ଅଙ୍କ ପରି ଉଚ୍ଚପଦସ୍ଥ ସାହାବାମାନେ ସେଥିରେ ସାମିଲ ଥିଲେ । ଯେ କି ତାହାର ଆକାଂକ୍ଷା କରୁଥିଲେ କି ସେହି ତରବାରୀ ଆମକୁ ମିଳନ୍ତା କି । କିନ୍ତୁ ହଜୁର ସ:ଆ:ସ ନିଜ ହାତକୁ ଅଟକାଇ ରଖିଥିଲେ ଏବଂ କହୁଥିଲେ କିଏ ଏହି ତରବାରୀର ପ୍ରକୃତ କର୍ତବ୍ୟ ସମ୍ପାଦନ କରିବ ? ପରିଶେଷରେ ହଜ୍‌ରତ୍ ଅବୁ ଦୁଜାନା ର:ଅ ନାମକ ଜଣେ ଅନ୍‌ସାରୀ ସାହାବି ହଜୁର ସ:ଆ:ସଙ୍କୁ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ମତେ ତାହାକୁ ପ୍ରଦାନ କରନ୍ତୁ ମୁଁ ତାହାର ପ୍ରକୃତ କର୍ତବ୍ୟ ସମ୍ପାଦନ କରିବି ଅତଏବ ହଜୁର ସ:ଆ:ସ ଉକ୍ତ ତରବାରୀକୁ ତାଙ୍କୁ ପ୍ରଦାନ କରିଥିଲେ ଏବ ଅବୁ ଦୁଜାନା ତାହାକୁ ହସ୍ତରେ ଧରି ଗର୍ବିତ ଠାଣିରେ, ଦର୍ପ ଦେଖାଇ ତଥା ଗର୍ବିତ ଶୈଳୀରେ ଚାଲି ଅବିଶ୍ୱାସକାରୀଙ୍କ ଆଡ଼କୁ ଅଗ୍ରସର ହୋଇଥିଲେ । ହଜୁର ସ:ଆ:ସ ସାହାବାଙ୍କୁ କହିଲେ ଅଲ୍ଲାଃଙ୍କୁ ଏପରି ଆଚରଣ ଅପସନ୍ଦ କିନ୍ତୁ ଏପରି ଅବସରରେ ଅପସନ୍ଦ ନୁହେଁ । ଜୁବୈର୍ ର:ଅ ଯିଏକି ହଜୁର ସ:ଆ:ସଙ୍କ ତରବାରୀକୁ ଧରିବାପାଇଁ ଅତ୍ୟନ୍ତ ଆକାଂକ୍ଷିତ ଥିଲେ ଏବଂ ହଜୁର ସ:ଆ:ସଙ୍କ ପରିଜନ ମଧ୍ୟରୁ ଥିଲେ । ଅନ୍ୟମାନଙ୍କ ତୁଳନାରେ ନିଜର ଅଧିକାରକୁ ଅଧିକ ବୋଲି ମଣୁଥିଲେ । ସେ ମନେ ମନେ ଚିନ୍ତା କଲେ ଯେ, ହଜୁର ସ:ଆ:ସ ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କୁ ତରବାରୀ ପ୍ରଦାନ କଲେ । ଏପରି କାହିଁକି କଲେ ଏବଂ ମତେ କାହିଁକି ପ୍ରଦାନ କଲେ ନାହିଁ । ସୁତରାଂ ସେ ନିଜର ଏହି ଚିନ୍ତାକୁ ଦୂରିଭୁତ କରିବାପାଇଁ ଏହି ପ୍ରଣ କଲେ କି ମୁଁ ଯୁଦ୍ଧ ଭୁମିରେ ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କ ପାଖେ ପାଖେ ରହିବି ଏବଂ ଦେଖିବି ସେ ଉକ୍ତ ତରବାରୀର କିପରି କର୍ତବ୍ୟ ସମ୍ପାଦନ କରୁଛନ୍ତି । ସୁତରାଂ ସେ କୁହନ୍ତି ହଜ୍‌ରତ୍ ଅବୁ ଦୁଜାନା ର:ଅ ମୁଣ୍ଡ ଉପରେ ନାଲି ରଙ୍ଗର ଏକ କପଡ଼ା ବାନ୍ଧିଥିଲେ ଏବଂ ଉକ୍ତ ତରବାରୀକୁ ଧରି ପ୍ରଶଂସାମୂଳକ ଗୀତ ଗୁଣୁଗୁଣୁ ହୋଇ ଗାଇ ଅବିଶ୍ୱାସକାରୀଙ୍କ ଧାଡ଼ିରେ ଅନୁପ୍ରବେଶ କଲେ । ମୁଁ ଦେଖିଲି ଯେ ସେ ଯେଉଁ ଆଡ଼େ ଅଗ୍ରସର ହେଉଥିଲେ ସେଠାରେ ମୃତ୍ୟୁର ତାଣ୍ଡବଲୀଳା ରଚି ଦେଇ ଯାଉଥିଲେ ଏବଂ କେହି ହେଲେ ମଧ୍ୟ ତାଙ୍କ ତରବାରୀର ପ୍ରହାରରୁ ବର୍ତି ଯାଉନଥିଲା । ଏପରିକି ସେ କୁରୈଶ୍‌ର ସୈନ୍ୟଦଳର ମଧରେ ପ୍ରବେଶ କରି ନିଜର ରାସ୍ତା ବାହାର କରି ସୈନ୍ୟଦଳର ଅନ୍ୟପାର୍ଶ୍ୱକୁ ଚାଲିଗଲେ ଯେଉଁଠି କୁରୈଶ୍‌ର ମହିଳାମାନେ ଛିଡ଼ା ହୋଇଥିଲେ । ଅବୁ ସୁଫିୟାନ୍‌ର ପତ୍ନୀ ହିନ୍ଦା ଯିଏ କି ନିଜର ସୈନ୍ୟମାନଙ୍କୁ ଅନୁପ୍ରାଣିତ କରୁଥିଲା, ଉତ୍ସାହିତ କରୁଥିଲା । ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କ ସମ୍ମୁଖକୁ ଆସିଲା ଏବଂ ହଜ୍‌ରତ୍ ଅବୁ ଦୁଜାନା ର:ଅ ନିଜର ତରବାରୀ ଉତଳନ କରି ତା' ବେକରେ ଲଗାଇ ଦେଲେ । ପ୍ରତିକ୍ରିୟା ସ୍ୱରୁପ ସେ ଖୁବ୍ ଜୋର୍‌ରେ ଚିତ୍କାର କଲା ଏବଂ ନିଜର ସୈନିକମାନଙ୍କୁ ନିଜ ସାହାଯ୍ୟ ପାଇଁ ଡ଼ାକ ଛାଡ଼ିଲା କିନ୍ତୁ ତା ସାହାଯ୍ୟ ପାଇଁ କେହି ହେଲେ ମଧ୍ୟ ଆଗେଇ ଆସିଲେନାହିଁ । ହଜ୍‌ରତ୍ ଜୁବୈର ର:ଅ କୁହନ୍ତି ମୁଁ ଦେଖିଲି ଯେ ହଜ୍‌ରତ୍ ଅବୁ ଦୁଜାନା ର:ଅ ସ୍ୱୟମ ନିଜର ତରବାରୀକୁ ତଳକୁ କରିଦେଲେ ସେ କହିଲେ ମୋର ଅର୍ନ୍ତଆତ୍ମା ଏଥିପାଇଁ ପ୍ରସ୍ତୁତ ହେଲାନାହିଁ ଯେ ମୁଁ ହଜୁର ସ:ଆ:ସଙ୍କ ତରବାରୀ ମାଧ୍ୟମରେ କୌଣସି ମହିଳା ଉପରେ ପ୍ରହାର କରିବି ଏବଂ ତାହା ମଧ୍ୟ ସେହି ସମୟରେ ଯେଉଁ ସମୟରେ ତା ପାଖରେ କୌଣସି ପୁରୁଷ ସୁରକ୍ଷାକର୍ମୀ ଉପସ୍ଥିତ ନଥିଲେ । ଜୁବୈର୍ ର:ଅ କୁହନ୍ତି ମୁଁ ସେ ସମୟରେ ଏହା ଭାବିଲି ଯେ ନିଃସନ୍ଦେହ ରୁପେ ହଜ୍‌ରତ୍ ଅବୁ ଦୁଜାନା ର:ଅ ହଜୁର ସ:ଆ:ସଙ୍କ ତରବାରୀର ପ୍ରକୃତ କର୍ତବ୍ୟ ସମ୍ପାଦନ କରିଛନ୍ତି । ସମ୍ଭବତଃ ମୁଁ ଏହିପରି କର୍ତବ୍ୟ ସମ୍ପାଦନ କରିପାରିନଥାନ୍ତି ତେଣୁ ମୋ ମନରେ ଥିବା ସମସ୍ତ ଶଙ୍କା ସେତେବେଳେ ଦୁରିଭୁତ ହୋଇଯାଇଥିଲା । *(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୪୮୯-୪୯୦)*

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ହଜ୍‌ରତ୍ ଅବୁ ଅୟୁବ୍ ଅନ୍‌ସାରୀଙ୍କ ସପକ୍ଷରେ ଏ ଦୁଆ କରିଥିଲେ ଯେ **ଅଲ୍ଲାହୁମ୍ମା ଇହ୍‌ଫିଜ୍ ଅବା ଅୟୁବା କମା ବାତା ୟହ୍‌ଫଜୁନି** ଅର୍ଥାତ:- ହେ ଅଲ୍ଲାଃ ! ଅବୁ ଅୟୁବଙ୍କୁ ସେହିପରି ସୁରକ୍ଷା ଦିଅ ଯେଁପରି ସେ ସାରା ରାତି ମୋତେ ସୁରକ୍ଷା ଦେବାପାଇଁ କାଟିଛନ୍ତି ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ବଦ୍‌ରି ସାହାବା ହଜ୍‌ରତ୍ ଅଓଫ୍ ବିନ୍ ହାରିସ୍ ବିନ୍ ରିଫାଆ ଅନ୍‌ସାରୀ ର:ଅ ଏବଂ ହଜ୍‌ରତ୍ ଖାଲିଦ୍ (ଅବୁ ଅୟୁବ) ଅନ୍‌ସାରୀ ର:ଅଙ୍କ ସୁଗୁଣର ଚର୍ଚ୍ଚା ।

ମୋ ଉମ୍ମତ (ସମ୍ପ୍ରଦାୟ) ସେ ପର୍ଯ୍ୟନ୍ତ ମଙ୍ଗଳମୟ ହୋଇ ରହିବ ଯେ ପର୍ଯ୍ୟନ୍ତ ସେମାନେ ମଗ୍‌ରିବ୍ ନମାଜ ଶିଘ୍ର ପଢୁଥିବେ । ଏପରି କି ତାରା ଚମକି ଯିବ ।

---

ଚାରିଜଣ ମର୍‌ହୁମୀନ୍ (ମୃତକ) ଶ୍ରୀମାନ୍ ଅବ୍‌ଦୁଲ୍ ହଇ ମଣ୍ଡଳ ସାହେବ୍ ମୁଅଲ୍ଲିମ୍ ସିଲ୍‌ସିଲା (ଭାରତ), ଶ୍ରୀମାନ୍ ସିରାଜୁଲ୍ ଇସ୍‌ଲାମ୍ ସାହେବ୍ ମୁଅଲ୍ଲିମ୍ ସିଲ୍‌ସିଲା ଜିଲ୍ଲା ମୁର୍‌ଶିବାବାଦ୍ ବଙ୍ଗାଲ୍ (ଭାରତ), ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନାତି ଶ୍ରୀମାନ୍ ଶାହିଦ୍ ଅହ୍‌ମଦ୍ ଖାନ୍ ପାଶ ସାହେବ୍ ଏବଂ ଶ୍ରୀମାନ୍ ସୟଦ୍ ମସ୍‌ଉଦ୍ ଅହ୍‌ମଦ୍ ଶାହ୍ ସାହେବ୍ ଶିଫିଲ୍‌ଡ଼ (ୟୁ.କେ)ଙ୍କ ଉତମଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୦ ନଭେମ୍ବର ୨୦୨୦ ଅନୁଯାୟୀ ୨୦ ନବୁଓ୍ୱତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବଦରି ସାହାବାଙ୍କ ଜୀବନି ଚର୍ଚ୍ଚାରେ ଆଜି ଯେଉଁ ସାହାବାମାନଙ୍କର ମୁଁ ଚର୍ଚ୍ଚା କରିବି ତନ୍ମଧ୍ଧରୁ ପ୍ରଥମ ସାହାବି ହେଉଛନ୍ତି ହଜ୍‌ରତ୍ ଅଓଫ୍ ବିନ୍ ହାରିଶ୍ ବିନ୍ ରିଫା ଅନ୍‌ସାରୀ ର:ଅ ଅନ୍‌ହୁମ । ବର୍ଣ୍ଣନାରେ ତାଙ୍କ ନାମ ଅଓଫ୍ ବିନ୍ ରିଫା, ଅଓଫ୍ ବିନ୍ ହାରିସ୍ ଏବଂ ଅଓଫ୍ ବିନ୍ ଅଫ୍‌ରାଆ ବୋଲି ବର୍ଣ୍ଣିତ ରହିଛି ତାଙ୍କ ବାପାଙ୍କ ନାମ ଅଫ୍‌ରାଆ ଥିଲା । ଅଓଫ୍ ବିନ୍ ହାରିସ୍ ର:ଅଙ୍କ ସମ୍ପର୍କ ଅନ୍‌ସାର ସମ୍ପ୍ରଦାୟର ବନୁ ନଜାର୍ ସହିତ ଥିଲା । ହଜରତ ମୁଆଜ୍ ର:ଅ ଓ ହଜ୍‌ରତ୍ ମାଓୱିଜ୍ ର:ଅ ହଜ୍‌ରତ୍ ଅଓଫ୍ ବିନ୍ ହାରିସ୍ ର:ଅଙ୍କ ଭାଇ ଥିଲେ । ହଜ୍‌ରତ୍ ଅଓଫ୍ ବିନ୍ ହାରିସ୍ ର:ଅଙ୍କ ଅନ୍‌ସାର ସମ୍ପ୍ରଦାୟର ସେହି ଛଅଜଣ ବ୍ୟକ୍ତିଙ୍କ ମଧ୍ୟରେ ସାମିଲ ଥିଲେ ଯେଉଁମାନେ ସର୍ବପ୍ରଥମେ ମକ୍କା ଆସି ବୟତ କରିଥିଲେ । ସେ ବୟତେ ଅକ୍‌ବାରେ ମଧ୍ୟ ସାମିଲ ଥିଲେ । ଯେତେବେଳେ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କଲେ ସେତେବେଳେ ହଜ୍‌ରତ୍ ଅସଦ୍ ବିନ୍ ଜୁର୍‌ରାହ୍ ର:ଅ ଏବଂ ହଜ୍‌ରତ୍ ଅମାରା ବିନ୍ ହିଜମ୍ ର:ଅଙ୍କ ସହିତ ମିଶି ବନୁ ମାଲିକ୍ ବିନ୍ ନଜାର୍‌ର ମୂର୍ତିଗୁଡ଼ିକୁ ଭାଙ୍ଗି ଦେଇଥିଲେ । ବଦର୍ ଯୁଦ୍ଧ ଦିନ ଯେତେବେଳେ ଯୁଦ୍ଧ ଜାରିଥିଲା ସେତେବେଳେ ହଜ୍‌ରତ୍ ଅଓଫ୍ ବିନ୍ ହାରିସ୍ ର:ଅ ହଜୁର ସ:ଆ:ସଙ୍କୁ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଅଲ୍ଲାଃ ତାଲା ନିଜ ଭକ୍ତର କେଉଁ କଥା ଯୋଗୁଁ ଅଧିକ ପ୍ରସନ୍ନ ହୋଇଥାଏ । ପ୍ରତି ଉତରରେ ହଜୁର ସ:ଆ:ସ କହିଲେ, ଅଲ୍ଲାଃ ତାଲା ନିଜ ଭକ୍ତର ଏହି କଥା ଯୋଗୁଁ ଅଧିକ ପ୍ରସନ୍ନିତ ହୋଇଥାଏ କି ଭକ୍ତର ହାତ ଯୁଦ୍ଧ କରିବାରେ ବ୍ୟସ୍ତ ଥିବା ଏବଂ ବିନା କୌଣସି ସାଞ୍ଜୁରେ ସେ ତିଳେମାତ୍ର ଭୟଭୀତ ନ ହୋଇ ନିର୍ଭିକ ଭାବରେ ଯୁଦ୍ଧେ ଲଢୁ ଥିବ । ଏଥିରେ ହଜ୍‌ରତ୍ ଅଓଫ୍ ବିନ୍ ହାରିସ୍ ର:ଅ ନିଜର ଯୁଦ୍ଧ ପରିହିତ ପୋଷାକ ଓହ୍ଲାଇ ଦେଲେ ଏବଂ ଆଗକୁ ବଢ଼ି ଯୁଦ୍ଧ ଲଢ଼ିବାକୁ ଆରମ୍ଭ କରିଦେଲେ ଏପରି କି ସେ ବୀରଗତି ପ୍ରାପ୍ତ କଲେ । ବଦର୍ ଯୁଦ୍ଧରେ ଅବୁଜୈହଲ୍ ଅଓଫ୍ ବିନ୍ ହାରିସ୍ ର:ଅ ଓ ଆପଣଙ୍କ ଭାଇ ହଜ୍‌ରତ୍ ମଉଜ୍ ର:ଅଙ୍କୁ ଶହୀଦ କରିଥିଲା । ହଦିସ୍ ଓ ସିରତ୍ ପୁସ୍ତକ ଗୁଡ଼ିକରେ ଅବୁ ଜୈହଲ୍‌ଙ୍କ ଉପରେ ଆକ୍ରମଣ କରିଥିବା ସାହାବାଙ୍କ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ ସେମାନଙ୍କ ମଧ୍ୟରେ ହଜ୍‌ରତ୍ ଅଓଫ୍ ବିନ୍ ଅଫ୍‌ରା ନାମ ମଧ୍ୟ ଆସୁଅଛି ଯାହାକି ପୂର୍ବେ ମଧ୍ୟ ଆଲୋଚନା ହୋଇଯାଇଛି । ସୁନନ୍ ଅବି ଦାଉଦ୍‌ରେ ଉଲ୍ଲେଖ ରହିଛି ତାଙ୍କ ନାମ ଅଓଫ୍ ବିନ୍ ହାରିସ୍ ଥିଲା ।

*(ତବକାତୁଲ୍ କୁବ୍‌ରା....ଖଣ୍ଡ-୩, ପୃ-୩୭୦-୩୭୩-୩୭୫, .... ବେରୁତ୧୯୯୦)*
*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୬୧୪-୬୧୫.......... ବେରୁତ ୧୯୯୫)*
*(ଅଲ୍‌ଇସ୍‌ତିୟାବ.... ଖଣ୍ଡ-୩, ପୃ-୧୨୨୫-୧୨୨୬.... ବେରୁତ ୧୯୯୨)*
*(ସହୀ ବୁଖାରୀ..... ହଦିସ୍- ୩୯୮୮, ୩୧୪୧, ୩୯୬୩)*
*(ସୁନନେ ଅବି ଦାଉଦ୍....... ହଦିସ୍୨୬୮୦)*

ଏହି ଦୁଇ ନାମ ସେମାନଙ୍କର ସର୍ବ ସାଧାରଣରେ ବିଖ୍ୟାତ ରହିଥିଲା । ସେ ଯାହା ହେଉ ଅବୁ ଜୈହଲ୍‌ର ହତ୍ୟାରେ ଏହି ଦୁଇ ଭାଇଙ୍କର ହାତ ଥିବାର ବର୍ଣ୍ଣନା ସୁପ୍ରସିଦ୍ଧ ଅଟେ ।

ପରବର୍ତୀ ଯେଉଁ ସାହାବିଙ୍କ ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ତାଙ୍କର ସମ୍ପର୍କ ଅନ୍‌ସାର ସମ୍ପ୍ରଦାୟର ଖଜ୍‌ରଜ୍ ଶାଖା ବନୁ ନଜାର୍ ସହିତ ଥିଲା ତାଙ୍କୁ ବୟତେ ଅକ୍‌ବା ସାନିଆ ଅବସରରେ ୭୦ ଜଣ ଅନ୍‌ସାର ସାହାବାଙ୍କ ସହିତ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ମାତାଙ୍କ ନାମ ହିନ୍ଦ୍ ବିନ୍‌ତେ ସଇଦ୍ ଥିଲା ଯେତେବେଳେ କି ଅନ୍ୟ ଏକ କଥନ ଅନୁଯାୟି ଜୋହ୍‌ରା ବିନ୍‌ତେ ସାଆଦ୍ ଥିବାର ଉଲ୍ଲେଖ ମଧ୍ୟ ମିଳୁଅଛି । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ପତ୍ନୀଙ୍କ ନାମ ହଜ୍‌ରତ୍ ଉମ୍ମେ ହସନ୍ ବିନ୍‌ତେ ଜୈଦ୍ ଥିଲା ତାଙ୍କ ଔରଷରୁ ଅବ୍‌ଦୁର୍ ରହ୍‌ମାନ ଜନ୍ମଗ୍ରହଣ କରିଥିଲେ । ହଜ୍‌ରତ୍ ମୁହମ୍ମଦ ସ:ଆ:ସ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଓ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈର୍‌ଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ।

*(ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୨୦୦....... ୧୯୯୫)*
*(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୩୬୮-୩୬୯..... ଲେବ୍‌ନାନ୍ ୧୯୯୦)*

ଯେତେବେଳେ ହଜୁର ସ:ଆ:ସ ହିଜ୍‌ରତ୍ କରି ମଦିନା ଆଗମନ କରିଥିଲେ ସେତେବେଳେ ମସ୍‌ଜିଦ୍ ଓ ନିଜର ଘର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବା ପର୍ଯ୍ୟନ୍ତ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ଘରେ ହଜୁର ସ:ଆ:ସ ଅବସ୍ଥାନ କରିଥିଲେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୬, ପୃ-୨୩.......... ଲେବ୍‌ନାନ୍ ୨୦୦୩)*

ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏହାକୁ ଏଭଳି ଦର୍ଶାଇଛନ୍ତି ବା ବାଖ୍ୟା କରିଛନ୍ତି କି ହଜୁର ସ:ଆ:ସଙ୍କ ଅବସ୍ଥାନର ଘଟଣାବଳୀ ଏପରି ଥିଲା କି ବନୁ ନଜାର୍ ନିକଟରେ ପହଂଚିବା ପରେ ଏହି ପ୍ରଶ୍ନ ଉଠିଲା କି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ କାହା ଘରେ ଆତିଥ୍ୟ ଗ୍ରହଣ କରିବେ । କାରଣ ଉକ୍ତ କବିଲାର ପ୍ରତ୍ୟେକ ବ୍ୟକ୍ତି ଏହି ଅଭିଳାଷ ପୋଷଣ କରି ବସିଥିଲା ଯେ ତାକୁ ଏହି ସୁନାମ୍ ଅର୍ଜନ କରିବାର ସୌଭାଗ୍ୟ ଲାଭ ହେଉ । ବରଂ କେତେକେ ଲୋକ ତ ହଜୁର ସ:ଆ:ସଙ୍କ ପ୍ରିତି ସମ୍ପର୍କ ଓ ଆପଣଙ୍କୁ ନିଜ ଅତିଥି କରିବାପାଇଁ ଆପଣଙ୍କ ଓଟର ଲଗାମ୍ ଦଉଡି ଧରି ନେଉଥିଲେ । ଏହା ଦେଖି ହଜୁର ସ:ଆ:ସ କହିଲେ ମୋ ଓଟକୁ ଛାଡ଼ି ଦିଅ ତାହା ବର୍ତମାନ ନିର୍ଦ୍ଦେଶିତ ଅର୍ଥାତ ଯେଉଁ ସ୍ଥଳେ ପ୍ରଭୁଙ୍କ ନିୟତି ରହିଥିବ ସେ ଯାଇ ସେହି ସ୍ଥଳେ ଅଟକି ଯିବ । ଏହା କହି ଆପଣ ସ:ଆ:ସ ସ୍ୱୟମଂ ଅର୍ଥାତ ହଜୁର ସ:ଆ:ସ ତାହାର ଦଉଡ଼ିକୁ ଅର୍ଥାତ ପଘାକୁ ହୁଗୁଳା ଛାଡ଼ିଦେଲେ ଏଥିଅନ୍ତେ ଓଟ ମନ୍ଥର ଗତିରେ ଆଗକୁ ଅଗ୍ରସର ହେଲା ଏବଂ ଗୋଟିଏ ସ୍ଥାନରେ ଯାଇ ବସି ପଡ଼ିଲା ଯେଉଁ ସ୍ଥଳରେ ପରେ ମସ୍‌ଜିଦ୍ ନବଓ୍ୱି ଓ ହଜୁର ସ:ଆ:ସଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ଯାହାକି ମଦିନାର ଦୁଇଜଣ ବାଳକଙ୍କ ଜମି ଥିଲା । ଏଥିରେ ହଜୁର ସ:ଆ:ସ କହିଲେ: **ହାଜା ଇନ୍‌ଶାଅଲ୍ଲାହୁଲ୍ ମନ୍‌ଜିଲ୍** ଅର୍ଥାତ ମନେ ହେଉଛି ପ୍ରଭୁଙ୍କ ଧାର୍ଯ୍ୟ ବିଧାନ ଅନୁଯାୟୀ ଏହା ଆମ ବାସସ୍ଥଳୀ ପାଲଟିବ । ତା'ପରେ ହଜୁର ଦୁଆ ପ୍ରାର୍ଥନା କରି ଓଟରୁ ଓହ୍ଲାଇ ଆସିଲେ ଏବଂ କହିଲେ ଏହିଠାରୁ କାହା ଘର ସବୁଠାରୁ ନିକଟବର୍ତୀ ? ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ

ସଙ୍ଗେ ସଙ୍ଗେ ଲବେକ୍ କହି ଆଗେଇ ଆସିଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ଘର ଏଠାରୁ ସବୁଠାରୁ ନିକଟବର୍ତୀ ଏବଂ ଏହା ହେଉଛି ମୋ ଘର ଦରଜା ମୁଁ ଆପଣଙ୍କୁ ସ୍ୱାଗତ ଜଣାଉଛି । ଏଥିରେ ହଜୁର ସ:ଆ:ସ କହିଲେ ଠିକ୍ ଅଛି ଯାଅ ମୋ ପାଇଁ ରହିବାର ବ୍ୟବସ୍ଥା କର ।

ସେ ତତ୍‌କ୍ଷଣାତ୍ ସମସ୍ତ ଆୟୋଜନ କରି ଚାଲିଆସିଲେ ଏବଂ ହଜୁରଙ୍କୁ ସୁଚିତ କଲେ । ହଜୁର ସ:ଆ:ସ ତାଙ୍କ ସାଥିରେ ତାଙ୍କ ଘରେ ପ୍ରବେଶ କଲେ ତାହା ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ଥିଲା । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଚାହୁଁଥିଲେ କି ହଜୁର ଉପର ମହଲାରେ ଅବସ୍ଥାନ କରନ୍ତୁ କିନ୍ତୁ ହଜୁର ଏହି ଖିଆଲ୍‌ରେ କି ଲୋକମାନଙ୍କ ସହ ସାକ୍ଷାତ କରିବାକୁ ପଡ଼ିବ ତେଣୁ ତଳ ମହଲା ହିଁ ତାଙ୍କ ରହିବା ନିମନ୍ତେ ଠିକ୍ ହେବ । ତେଣୁ ହଜୁର ସ:ଆ:ସ ତଳ ମହଲାରେ ରହିବାକୁ ପସନ୍ଦ କଲେ । ରାତି ପାହିଲା କିନ୍ତୁ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଓ ତାଙ୍କ ପତ୍ନୀଙ୍କୁ ଏହି ଚିନ୍ତା ଘାରୁ ଥିଲା ଏବଂ ତାଙ୍କୁ ନିଦ ପଡୁନଥିଲା କି ହଜୁର ତଳେ ରହିଛନ୍ତି ଏବଂ ଆମେ ଉପର ମହଲାରେ ଆରାମ କରୁଛୁ । ଏତିକିବେଳେ ଭାଗ୍ୟବଶତଃ ଉପରେ ଏକ ଜଳପୂର୍ଣ୍ଣ ପାତ୍ର ଭାଙ୍ଗିଗଲା । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ଏହି ଆଶଙ୍କାରେ, କାଳେ ଜଳବୁନ୍ଦା ହଜୁର ସ:ଆ:ସଙ୍କ ଉପରେ ପଡ଼ିଯିବ ତେଣୁ ନିଜର ଚଦର କମ୍ବଳ ଆଦି ପାଣି ଉପରେ ପକାଇଦେଲେ ଯେପରି ତାହା ଜଳକୁ ଶୋଷିତ କରିନେବ । ସକାଳେ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ହଜୁରଙ୍କୁ ନିବେଦନ କଲେ କି ହଜୁର ଉପର ମହଲାରେ ଆମେ ଅବସ୍ଥାନ କରୁଛୁ କିନ୍ତୁ ଏହା ଆମକୁ ସାନ୍ତ୍ୱନାମୂଳକ ଲାଗୁନାହିଁ ତେଣୁ ଆପଣ ଉପର ମହଲାରେ ଅବସ୍ଥାନ କରନ୍ତୁ । ପ୍ରଥମେ ତ ହଜୁର ସ:ଆ:ସ ଅରାଜି ହେଲେ କିନ୍ତୁ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ବାରମ୍ବାର ନିବେଦନ କରିବା ଦେଖି ଶେଷରେ ରାଜି ହୋଇଗଲେ । ହଜୁର ସେଠାରୁ ସାତ ମାସ ପର୍ଯ୍ୟନ୍ତ ଏବଂ ଇବ୍‌ନେ ଇସ୍‌ହାକ୍‌ଙ୍କ କହିବା ଅନୁଯାୟୀ ସଫର୍ ମାସ ଦୁଇ ହିଜ୍‌ରୀ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ, ଅର୍ଥାତ ଯେପର୍ଯ୍ୟନ୍ତ ମସ୍‌ଜିଦ୍ ନବ୍ୱି ଓ ଆପଣଙ୍କ ବାସଭବନ ନିର୍ମାଣ ହୋଇନଥିଲା ସେ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିଥିଲେ । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ହଜୁର ସ:ଆ:ସଙ୍କ ପାଇଁ ଖାଇବା ପଠାଉଥିଲେ ଏବଂ ଯାହା ହଜୁରଙ୍କ ନିକଟରୁ ବଂଚି ଫେରିଆସୁଥିଲା ତାହା ସ୍ୱୟମଂ ସେବନ କରୁଥିଲେ ଏବଂ ପ୍ରେମ ଓ ନିଷ୍ଠାଭାବନା ଯୋଗୁଁ ଥାଳିରେ ସେହି ସ୍ଥାନରେ ଆଙ୍ଗୁଳି ବୁଲାଇ ଆଣୁଥିଲେ ଯେଉଁଠାରୁ ହଜୁର ସ:ଆ:ସ ଖାଦ୍ୟ ସେବନ କରୁଥିଲେ ଅବା ହଜୁରଙ୍କ ଆଙ୍ଗୁଳି ଚିହ୍ନ ଥିବାର ସେ ଅବଲୋକନ କରୁଥିଲେ । ଅନ୍ୟ ସାହାବାଗଣ ମଧ୍ୟ ପ୍ରାୟ ହଜୁର ସ:ଆ:ସଙ୍କ ପାଇଁ ଖାଦ୍ୟ ପେୟ ପ୍ରେରଣ କରୁଥିଲେ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୨୬୭-୨୬୮)***

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ଯେତେବେଳେ ମଦିନାରେ ପ୍ରବେଶ କଲେ ସେତେବେଳେ ପ୍ରତ୍ୟେକ ବ୍ୟକ୍ତିର ଏହି ଇଚ୍ଛା ଓ ଅଭିଳାଷା ରହିଥିଲା କି ହଜୁର ସ:ଆ:ସ ତାଙ୍କ ଘରକୁ ଯାଆନ୍ତୁ ଅବା ତାଙ୍କ ଘରେ ଅବସ୍ଥାନ କରନ୍ତୁ । ଯେତେବେଳେ ହଜୁର ସ:ଆ:ସଙ୍କ ଓଟ ସେମାନଙ୍କ ଗଳି ଦେଇ ଅତିକ୍ରମ କରୁଥିଲା ସେହି ଗଳିରେ ବାସ କରୁଥିବା ଲୋକେମାନେ ନିଜର ଘର ସମ୍ମୁଖରେ ଛିଡ଼ା ହୋଇ ହଜୁର ସ:ଆ:ସଙ୍କୁ ସ୍ୱାଗତ ଜଣାଉଥିଲେ ଏବଂ କହୁଥିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଏହା ଆମର ଘର, ଏ ହେଉଛି ଆମର ଧନରତ୍ନ, ଏ ହେଉଛି ଆମର ସର୍ବସ୍ୱ ଏବଂ ଏ ସବୁକିଛି ଆପଣଙ୍କ ସେବାରେ ସର୍ମପିତ । ହେ ଅଲ୍ଲାଃଙ୍କ ରସୁଲ୍ ! ଆମେମାନେ ଆପଣଙ୍କୁ ସୁରକ୍ଷା ଦେବାପାଇଁ ସମ୍ପୁର୍ଣ୍ଣରୂପେ ସକ୍ଷମ ଓ ପ୍ରତିଶୃତିବଦ୍ଧ । ତେଣୁ ଆପଣ ଆମ ନିକଟରେ ରୁହନ୍ତୁ । କେତେକ ଲୋକେ ଉତ୍ସାହିତ ହୋଇ, ଯେପରି ମୁଁ କହିଲି ଆଗକୁ ବଢ଼ି ହଜୁର ସ:ଆ:ସଙ୍କ ଓଟର ଲଗାମ୍‌କୁ ଧରି ପକାଉଥିଲେ । ଯଦ୍ୱାରାକି ହଜୁର ସ:ଆ:ସ ତାଙ୍କ ଘରେ ଅବତୀର୍ଣ୍ଣ କରନ୍ତୁ । କିନ୍ତୁ ହଜୁର ସ:ଆ:ସ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି ଉତର ଦେଉଥିଲେ କି ମୋ ଓଟକୁ ଛାଡ଼ି ଦିଅ ସେ ଆଜି ଅଲ୍ଲାଃଙ୍କ ତରଫରୁ ନିୟୋଜିତ ତେଣୁ ଅଲ୍ଲାଃ ତାଲା ଯେଉଁଠି ଚାହିଁବେ ଓଟଟି ସେଇଠି ଅଟକି ଯିବ । ପରିଶେଷରେ ଉକ୍ତ ଓଟଟି ମଦିନାର ପ୍ରାନ୍ତରେ ବନୁ ନଜାର୍‌ର ଅନାଥମାନଙ୍କ ଭୂମି ନିକଟରେ ଯାଇ ଅଟକି ଯାଇଥିଲା । ହଜୁର ସ:ଆ:ସ ସେହି ସ୍ଥାନରେ ମସ୍‌ଜିଦ୍ ଓ ନିଜର ବାସସ୍ଥାନ ନିର୍ମାଣ କରିବାର ନିଷ୍ପତି ନେଇଥିଲେ । ଏହାପରେ ହଜୁର ସ:ଆ:ସ କହିଲେ, ତୁମମାନଙ୍କ ମଧ୍ୟରୁ କାହାର ଘର ଏଠାରୁ ସବୁଠାରୁ ନିକଟବର୍ତୀ ? ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଆଗକୁ ବଢ଼ି କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ଘର ସବୁଠୁ ପାଖରେ ଏବଂ ମୁଁ ଆପଣଙ୍କ ସେବାରେ ଉପସ୍ଥିତ ଅଛି । ହଜୁର ସ:ଆ:ସ କହିଲେ ତୁମ ଘରକୁ ଯାଅ ଏବଂ ମୋ ଲାଗି ଏକ କୋଠରୀର ଆୟୋଜନ କର । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଘରକୁ ଯାଇ ହଜୁର ସ:ଆ:ସଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରି ହଜୁରଙ୍କ ନିକଟକୁ ଫେରି ଆସି ସୁଚିତ କରିଥିଲେ । ଅନ୍‌ସାର୍‌ମାନଙ୍କୁ ହଜୁର ସ:ଆ:ସଙ୍କ ସହିତ ଯେଉଁ ଘନିଷ୍ଠ ପ୍ରେମ ରହିଥିଲା ତାହାର ପରିପ୍ରକାଶ ଉକ୍ତ ଅବସରରେ ମଧ୍ୟ ହୋଇଥିଲା । ରସୁଲୁଲ୍ଲାଃ ସ:ଆ:ସଙ୍କ ଅନୁରୋଧ କ୍ରମେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ମାନି ତ ଗଲେ ଯେ ହଜୁର ତଳ ମହଲାରେ ରୁହନ୍ତୁ କିନ୍ତୁ ଅହରାତ୍ର ପତିପତ୍ନୀ ଏହି ଚିନ୍ତାରେ ଉଜାଗର ରହିଲେ ଯେ ହଜୁର ସ:ଆ:ସ ତଳେ ଶୋଇଛନ୍ତି । ତେବେ ସେ କିପରି ହଜୁର ସ:ଆ:ସଙ୍କର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିପାରିବେ ଯେ ସେ ଛାତ ଉପରେ ଆରାମରେ ଶୟନ କରିବେ । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ହଜୁର ସ:ଆ:ସଙ୍କ ପ୍ରତି ଆନ୍ତରିକତାମୂଳକ ପ୍ରେମର ଏକ ପରିପ୍ରକାଶ ଥିଲା । ଦିନେ ରାତିରେ ଏକ ପାଣିପାତ୍ର ଖସିପଡ଼ି ଭାଙ୍ଗିଗଲା । ସେଥିରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଏହି ଚିନ୍ତାରେ ଛାନିଆ ହୋଇପଡ଼ିଲେ ଯେ କାଳେ ଛାତରୁ ପାଣି ବହିଯାଇ ତଳ ମହଲାରେ ପଡ଼ିଯିବ ଓ ଏତଦ୍‌ଦ୍ୱାରା ହଜୁର ସ:ଆ:ସଙ୍କୁ କଷ୍ଟ ହେବ । ତେଣୁ ସେ ଦଉଡ଼ି ଯାଇ ନିଜର ଚାଦର ଇତ୍ୟାଦି ବସ୍ତ୍ର ଉକ୍ତ ବହି ଯାଉଥିବା ପାଣି ଉପରେ ପକାଇଦେଲେ ଏବଂ ତାକୁ ପୋଛି ନେଲେ । ସକାଳେ ସେ ପୁଣି ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ସମସ୍ତ ଘଟଣାର ବୃତାନ୍ତ କରିଥିଲେ । ପ୍ରତି ଉତରରେ ହଜୁର ସ:ଆ:ସ ଉପର ମହଲାକୁ ଯିବାପାଇଁ ରାଜି ହୋଇଯାଇଥିଲେ ।

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ପ୍ରତିଦିନ ଖାଦ୍ୟ ପ୍ରସ୍ତୁତି କରୁଥିଲେ ଏବଂ ହଜୁର ସ:ଆ:ସଙ୍କ ନିକଟକୁ ପ୍ରେରଣ କରୁଥିଲେ ଏବଂ ଯାହା ବଂଚି ଫେରିଆସୁଥିଲା ତାହାକୁ ସମଗ୍ର ପରିବାର ବର୍ଗ ସେବନ କରୁଥିଲେ । କିଛିଦିନ ପରେ ବାକି ଅନ୍‌ସାର୍‌ମାନେ ମଧ୍ୟ ଅଳି କଲେ ଯେ ଆମକୁ ମଧ୍ୟ ସେହି ବର୍‌କତ୍‌ରୁ ଭାଗ ମିଳୁ ଯେପର୍ଯ୍ୟନ୍ତ ହଜୁର ସ:ଆ:ସଙ୍କ ଘର ତିଆରି ହୋଇନଥିଲା ସେ ପର୍ଯ୍ୟନ୍ତ ଜଣ ଜଣ କରି ମଦିନାର ପ୍ରତ୍ୟେକ ମୁସଲମାନ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ଘରକୁ ଖାଇବା ପଠାଉଥିଲେ ।

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୨୨୮,୨୨୯)***

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ଆମ ଘରେ ପ୍ରବେଶ କଲେ ଏବଂ ଅଟ୍ଟାଳିକାର ତଳ ମହଲାରେ ଅବସ୍ଥାନ କଲେ । ଏକଦା ରାତିରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଜାଗ୍ରତ ହେଲେ ଏବଂ କହିଲେ, ଆମେ ହଜୁର ସ:ଆ:ସଙ୍କ ମୁଣ୍ଡ ଉପରେ ଚାଲିଗଲୁ ଏବଂ ସେ ଏକ ପାର୍ଶ୍ୱକୁ ଘୁଂଚି ଗଲେ ଏବଂ ସେହି ସ୍ଥଳେ ରାତି ବିତାଇଲେ । ସେ ହଜୁର ସ:ଆ:ସଙ୍କ ସେବାରେ ଗୁହାରି କଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ସେହି ଛାତ ଉପରେ ରହିପାରିବି ନାହିଁ ଯେଉଁ ଛାତ ତଳେ ଆପଣ ଅବସ୍ଥାନ କରୁଛନ୍ତି । ଏଥିରେ ହଜୁର ଉପର ମହଲାକୁ ସ୍ଥାନାନ୍ତରିତ ହୋଇଯାଇଥିଲେ ।

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ହଜୁର ସ:ଆ:ସଙ୍କ ଲାଗି ଖାଦ୍ୟ ପ୍ରସ୍ତୁତ କରୁଥିଲେ ଏବଂ ଯେତେବେଳେ ସେହି ଖାଦ୍ୟକୁ ହଜୁର ସ:ଆ:ସଙ୍କ ନିକଟକୁ ପ୍ରେରଣ କରୁଥିଲେ ଏବଂ ସେଥିରୁ ଯାହା କିଛି ଫେରି ଆସୁଥିଲା ତାହାକୁ ଏମାନେ ସେବନ କରୁଥିଲେ । ଏକଦା ଖାଦ୍ୟରେ ରସୁଣ ମିଶ୍ରିତ ଥିଲା ଯାହାକୁ ହଜୁର ସ:ଆ:ସ ସେବନ କଲେ ନାହିଁ । ଏହା ଦେଖି ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ବ୍ୟସ୍ତ ବିବ୍ରତ ହୋଇପଡ଼ିଲେ ଏବଂ ହଜୁର ସ:ଆ:ସଙ୍କ ଆଡ଼କୁ ଉପରକୁ ଗଲେ ଏବଂ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ୍ ! କଣ ରସୁଣ ଅବୈଧ ଅଟେ ନବୀ କରିମ୍ ସ:ଆ:ସ କହିଲେ ନାଁ, କିନ୍ତୁ ମୁଁ ରସୁଣ ଖାଇବାକୁ ପସନ୍ଦ କରେନାହିଁ । ପ୍ରତିଉତରରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ଯାହାକୁ ପସନ୍ଦ କରୁନାହାନ୍ତି ମୁଁ ତାକୁ ପସନ୍ଦ କରିବିନାହିଁ । ଏଥିରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ କହିଲେ, ଯାହାକୁ ଆପଣ ନାପସନ୍ଦ କରୁଛନ୍ତି ମୁଁ ମଧ୍ୟ ତାହାକୁ ନାପସନ୍ଦ କରେ ।

ହଦିସ୍ ମୁସ୍‌ଲିମ୍‌ରେ ଦରଜ ଅଛି କି ଦୈବିବାଣୀ ଅବତୀର୍ଣ୍ଣ ହେଉଥିଲା ଏବଂ ଦେବଦୂତମାନେ ହଜୁର ସ:ଆ:ସଙ୍କ ନିକଟକୁ ଆସୁଥିଲେ ତେଣୁକରି ହଜୁର ସ:ଆ:ସ ଦୁର୍ଗନ୍ଧଯୁକ୍ତ ଖାଦ୍ୟ ଯେପରି ରସୁଣ, ପିଆଜ ଆଦି ସେବନ କରିବାକୁ ପସନ୍ଦ କରୁନଥିଲେ । କିନ୍ତୁ ତାହା ଖାଇବା ନିଶିଦ୍ଧ ନଥିଲା । ଏହା ହେଉଛି ସହି ମୁସ୍‌ଲିମ୍‌ର ବର୍ଣ୍ଣନା ।

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ବର୍ଣ୍ଣନା କରନ୍ତି ଯେ ହଜୁର ସ:ଆ:ସଙ୍କ ପାଇଁ ଖାଦ୍ୟ ପ୍ରେରଣ କରାଯାଉଥିଲା ସେଥିରୁ ମହାଭାଗ କିଛି ସେବନ କର ବଳକା ଖାଦ୍ୟ ସେମାନଙ୍କ ନିକଟକୁ ଫେରସ୍ତ କରିଦେଉଥିଲେ । ଏକଦା ଆପଣ ଖାଦ୍ୟ ନ ଖାଇ ଫେରସ୍ତ କରିଦେଲେ କାରଣ ସେଥିରେ ରସୁଣ ମିଶ୍ରିତ ଥିଲା । ମୁଁ ପଚାରିଲି ଅର୍ଥାତ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ପଚାରିଲେ, ହଜୁର କଣ ଏହା ସେବନ କରିବା ନିଶିଦ୍ଧ କି ? ହଜୁର ସ:ଆ:ସ କହିଲେ ନାଁ କିନ୍ତୁ ତାହାର ଦୁର୍ଗନ୍ଧ ଯୋଗୁଁ ତାହାକୁ ସେବନ କରିବାକୁ ମୁଁ ପସନ୍ଦ କରୁନାହିଁ । ଏଥିରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ କହିଲେ ତେବେ ମୁଁ ମଧ୍ୟ ତାହାକୁ ନାପସନ୍ଦ କରୁଅଛି ଯାହା ଆପଣଙ୍କୁ ନାପସନ୍ଦ ଅଟେ । ***(ସହି ମୁସ୍‌ଲିମ୍....... ହଦିସ୍ ୫୩୫୬-୫୩୫୮)***

ମୁସ୍‌ନଦ୍ ଅହ୍‌ମଦ୍ ହମ୍ବଲରେ ଉଲ୍ଲେଖ ରହିଛି । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ଆମ ଅଟ୍ଟାଳିକାର ତଳ ମହଲାରେ ରହିବାକୁ ପସନ୍ଦ କଲେ କିନ୍ତୁ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଓ ତାଙ୍କ ପତ୍ନୀଙ୍କୁ ଏହି ଚିନ୍ତାରେ ନିଦ ପଡ଼ିଲାନାହିଁ କି ହଜୁର ସ:ଆ:ସ ତଳ ମହଲାରେ ରହିବେ ଏବଂ ସେ ଦୁହେଁ ଉପର ମହଲାରେ ଆରାମ କରିବେ । ଏତିକିବେଳେ ଭାଗ୍ୟବଶତଃ ଉପରେ ଥିବା ଏକ ଜଳପୂର୍ଣ୍ଣ ପାତ୍ର ଭାଙ୍ଗିଗଲା ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଏହି ଆଶଙ୍କାରେ କି କାଳେ ଜଳବୁନ୍ଦା ହଜୁର ସ:ଆ:ସଙ୍କ ଉପରେ ନ ପଡ଼ିଯାଉ । ନିଜର ଚଦର ଓ କମ୍ବଳକୁ ଆଣି ପାଣି ଉପରେ ପକାଇ ପାଣିକୁ ଶୁଖାଇଦେଲେ । ସକାଳେ ଏ ସମସ୍ତ ଘଟଣା ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ବୃତାନ୍ତ କଲେ ଏବଂ ନିବେଦନ କଲେ ହଜୁର ଆପଣ ଉପର ମହଲାରେ ଅବସ୍ଥାନ କରନ୍ତୁ । ପ୍ରଥମେ ତ ହଜୁର ଏହାକୁ ନାମଞ୍ଜୁର କରିଥିଲେ କିନ୍ତୁ ଅବୁ ଅୟୁବଙ୍କ ବାରମ୍ବାର ନିବେଦନକୁ ଦେଖି ରାଜି ହୋଇଯାଇଥିଲେ । ହଜୁର ସ:ଆ:ସ ଙ୍କର ଖୁବ୍ କମ୍ ଆସବାବ ଥିଲା । ଏକଦା ମୁଁ ନିବେଦନ କଲି ହଜୁର ଆପଣ ମୋ ନିକଟକୁ ଯେଉଁ ବଳକା ଖାଦ୍ୟ ପ୍ରେରଣ କରୁଛନ୍ତି ମୁଁ ତାହାକୁ ଧ୍ୟାନର ସହିତ ଦେଖୁଛି କି ଆପଣଙ୍କ ଆଙ୍ଗୁଳି ଚିହ୍ନ କେଉଁଠାରେ ରହିଛି କିନ୍ତୁ ଆଜିର ଖାଦ୍ୟଥାଳିରେ ଆପଣଙ୍କ ଆଙ୍ଗୁଳି ଚିହ୍ନ ଦେଖିବାକୁ ପାଇଲିନାହିଁ । ହଜୁର ସ:ଆ:ସ ଉତର ଦେଲେ ତାହା ଠିକ୍ କାରଣ ସେଥିରେ ପିଆଜ ମିଶ୍ରିତ ଥିଲା । ଏଠାରେ ରସୁଣ ପରିବର୍ତେ ପିଆଜର ଉଲ୍ଲେଖ ରହିଛି । ତେବେ ଯେହେତୁ ଦେବଦୂତମାନେ ମୋ ନିକଟକୁ ଆସିଥାନ୍ତି ସେଥିଯୋଗୁଁ ଏହି ଖାଦ୍ୟ ଅର୍ଥାତ ପିଆଜ ଖାଇବାକୁ ପସନ୍ଦ କରୁନାହିଁ । ହଁ ତୁମେମାନେ ତାହାକୁ ଖାଇପାର । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୭, ପୃ-୭୮୧ ହଦିସ୍ ୨୩୯୬୬....... ବେରୁତ ଲେବ୍‌ନାନ୍ ୧୯୯୮)***

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ହଜୁର ସ:ଆ:ସଙ୍କ ସହିତ ବଦର, ଓ୍ୱହଦ, ଖନ୍ଦକ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ।

***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୬୯............ ବେରୁତ ୧୯୯୦)***

ଏକ ଅବସରରେ ଶିବିର ବାହାରେ ହଜୁର ସ:ଆ:ସଙ୍କ ପ୍ରହରା ଦେବାରେ ସେ ଅହରାତ୍ର ଫୁଙ୍ଗୁଳା ତରବାରୀ ଧରି ଜଗି ରହିଥିଲେ । ଯେତେବେଳେ ହଜୁର ସ:ଆ:ସଙ୍କୁ ଏହା ଜ୍ଞାତ ହେଲା

ସେତେବେଳେ ହଜୁର ଏହି ଦୁଆ କଲେ **ଅଲ୍ଲାଃହୁମା ଇହ୍‌ଫଇଜ୍ ଅବା ଅୟୁବା କମା ବାତା ୟହ୍‌ଫକୁନି** ଅର୍ଥାତ ହେ ଅଲ୍ଲାଃ! ଯେଉଁଭଳି ଅବୁ ଅୟୁବ ମତେ ଅହରାତ୍ର ସୁରକ୍ଷା ଦେବାରେ ନିୟୋଜିତ ରହିଛନ୍ତି ସେହିପରି ଅବୁ ଅୟୁବ ଅନ୍‌ସାରୀଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନକର। ଇମାମ୍ ସୋହେଲ୍ କୁହନ୍ତି, ପରମେଶ୍ୱର ନବୀ କରିମ୍ ସ:ଆ:ସଙ୍କ ଦୁଆ ର ପ୍ରତିଫଳ ସ୍ୱରୁପ ଅବୁ ଅୟୁବ ଅନ୍‌ସାରୀଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ କି ରୋମି ଆପଣଙ୍କ ସମାଧିର ସୁରକ୍ଷା କରୁଥିଲେ ଏବଂ ଆପଣଙ୍କ ମାଧମରେ ଜଳବର୍ଷାର ପ୍ରାର୍ଥନା କରୁଥିଲେ ଏବଂ ସେତେବେଳେ ସେମାନଙ୍କ ଅଂଚଳରେ ବୃଷ୍ଟିପାତ ଆରମ୍ଭ ହୋଇଯାଉଥିଲା। ***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃ-୬୫......ବେରୁତ)***

ହଜ୍‌ରତ୍ ମେହମୁଦ୍ କୁହନ୍ତି କି ସେ ହଜ୍‌ରତ୍ ଇତ୍‌ବାନ୍ ବିନ୍ ମାଲିକ ଅନ୍‌ସାରୀ ର:ଅଙ୍କଠାରୁ ଶୁଣିଲେ ଏବଂ ସେ ସେହି ଲୋକମାନଙ୍କ ମଧ୍ୟରୁ ଥିଲେ ଯିଏ ହଜୁର ସ:ଆ:ସଙ୍କ ସାଥିରେ ବଦର ଯୁଦ୍ଧରେ ସାମିଲ ଥିଲେ। ସେ ନିଜ ଗୋଷ୍ଠୀ ବନୁ ସାଲିମ୍‌ଙ୍କୁ ନମାଜ ପଢ଼ାଉଥିଲେ ଏବଂ ତାଙ୍କ ଘର ଓ ମୋ ଘର ମଧ୍ୟରେ ଏକ ନାଳ ରହିଥିଲା ବର୍ଷା ଦିନେ ତାହାକୁ ଅତିକ୍ରମ କରି ମସ୍‌ଜିଦ୍ ଆସିବା ମୋ ପାଇଁ ଅସୁବିଧା ହେଉଥିଲା। ଏଥିଯୋଗୁଁ ମୁଁ ହଜୁର ସ:ଆ:ସଙ୍କ ସେବାରେ ଉପସ୍ଥିତ ହୋଇ ନିବେଦନ କଲି ଯେ ହେ ଅଲ୍ଲାଃଙ୍କ ରସୁଲ୍! ମୋ ନୟନ ବା ଦୃଷ୍ଟିଶକ୍ତି ଦୁର୍ବଳ ହୋଇଚାଲିଛି ପୁଣି ବର୍ଷା ଯୋଗୁଁ ମୋ ବାଟରେ ଯେଉଁ ନାଳ ପଡୁଛି ତାହା ଅତିକ୍ରମ କରିବା ମୋ ପକ୍ଷେ ବେଶ୍ କଷ୍ଟସାଧ ହୋଇପଡୁଛି ଏଣୁ ହଜୁର ମୋ ଘରକୁ ଆସନ୍ତୁ ଏବଂ ମୋ ଘରେ ଏଭଳି ଏକ ସ୍ଥାନରେ ନମାଜ ପାଠ କରନ୍ତୁ ଯେଉଁ ସ୍ଥାନକୁ ମୁଁ ନିଜର ନମାଜ ସ୍ଥଳୀ କରିନେବି ହଜୁର ସ:ଆ:ସ ଉତର ଦେଲେ ଠିକ୍ ଅଛି ମୁଁ ଆସିବି। ଏକଦା ହଜୁର ସ:ଆ:ସ ଅବୁବକରଙ୍କୁ ସାଥିରେ ନେଇ ତାଙ୍କ ଘର ଆଡ଼କୁ ପ୍ରସ୍ଥାନ କଲେ ଏବଂ ଭିତରକୁ ଆସିବାପାଇଁ ଅନୁମତି ମାଗିଲେ ପୁନଶ୍ଚ ଘରକୁ ଆସି କହିଲେ ତୁମେ କେଉଁ ସ୍ଥାନଟିକୁ ପସନ୍ଦ କରୁଛ? ସେ ଗୋଟିଏ ସ୍ଥାନ ଆଡ଼କୁ ଇସାରା କରି କହିଲେ ଏହି ସ୍ଥାନଟିକୁ। ଅତଏବ ହଜୁର ସେଠାରେ ଛିଡ଼ା ହେଲେ ଆମେମାନେ ଆପଣଙ୍କ ପଛରେ ଛିଡ଼ା ହୋଇ ଦୁଇ ରେକାତ୍ ନମାଜ ପାଠ କଲୁ। ସଲାମ୍ ଫେରିବା ପରେ ମୁଁ ହଜୁର ସ:ଆ:ସଙ୍କୁ ରୋଟି ଓ ମାଂସ ତରକାରୀ ଯାହାକି ମୁଁ ପ୍ରସ୍ତୁତ କରୁଥିଲି ତଥା ଖାଇବାର ଆୟୋଜନ କରିଥିଲି, ଖାଇବା ନିମନ୍ତେ ଅଟକାଇଲି। ଆମ ପାଖ ପଡ଼ୋଶୀ ସାହିବାସୀ ଯେତେବେଳେ ଶୁଣିଲେ କି ହଜୁର ସ:ଆ:ସ ମୋ ଘରକୁ ଆସିଛନ୍ତି ସଭିଏଁ ଆସି ମୋ ଘରେ ଏକତ୍ରିତ ହୋଇଗଲେ। ସେମାନଙ୍କ ଯୋଗୁଁ ମୋ ଘର ପୂର୍ଣ୍ଣ ହୋଇଗଲା। ସେମାନଙ୍କ ମଧ୍ୟରୁ ଜଣେ ପଚାରିଲେ ମାଲିକ୍ କାହାନ୍ତି? କେହି ଜଣେ କହିଲେ ସେ କପଟବିଶ୍ୱାସୀ ପାଲଟି ଯାଇଛନ୍ତି, ଆଉ ଜଣେ ସାହାବିଙ୍କ ସଂକ୍ରାନ୍ତରେ ପଚାରିଲେ ତାଙ୍କୁ ମଧ୍ୟ ମୁଁ ଦେଖୁନାହିଁ। ସେ କହିଲେ, ସେ ମଧ୍ୟ କପଟବିଶ୍ୱାସୀ ହୋଇଯାଇଛନ୍ତି। ଅଲ୍ଲାଃ ଓ ରସୁଲ୍‌ଙ୍କ ସହ ତାଙ୍କୁ ସ୍ନେହ ଶ୍ରଦ୍ଧା ନାହିଁ ତେଣୁ ସେ ଏଠାକୁ ଆସିନାହାନ୍ତି। ହଜୁର ସ:ଆ:ସ କହିଲେ, ଏପରି କଥା କୁହନାହିଁ କଣ ତୁମକୁ ଜଣାନାହିଁ ଯେ ସେ **ଲାଇଲାହା ଇଲ୍ଲଲ୍ଲାଃ** ର ସ୍ୱୀକାରୋକ୍ତି କରିସାରିଛନ୍ତି। ଏଥିରେ ସେ ପ୍ରଭୁଙ୍କ ପ୍ରିତିଭାଜନ ଚାହୁଁଛନ୍ତି। ସେ କହିଲେ ପ୍ରଭୁ ଓ ତାଙ୍କ ରସୁଲ୍ ଭଲ ଭାବରେ ଜାଣନ୍ତି କିନ୍ତୁ ଆମେ ତ ତାହାଙ୍କୁ ଏଭଳି ଲୋକମାନଙ୍କ ସଙ୍ଗତରେ ଦେଖୁଛୁ ଯେଉଁମାନେ କି କପଟବିଶ୍ୱାସୀ ଅଟନ୍ତି। ଏଥିରେ ହଜୁର ସ:ଆ:ସ କହିଲେ, ଅଲ୍ଲାଃ ତାଲା ସେହି ବ୍ୟକ୍ତି ପାଇଁ ଅଗ୍ନୀର ଶାସ୍ତିକୁ ନିଶିଦ୍ଧ କରିଦେଇଛନ୍ତି ଯେ **ଲାଇଲାହା ଇଲ୍ଲଲ୍ଲାଃ**ର ସ୍ୱୀକାର କରିଥାଏ। ଯାହା ଦ୍ୱାରା ସେ ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବାକୁ ଚାହୁଁଥାଏ।

ହଜ୍‌ରତ୍ ମେହମୁଦ୍ ବିନ୍ ରବ୍ବି କୁହନ୍ତି: ଏକଥା ମୁଁ ଅନ୍ୟ କିଛି ଲୋକମାନଙ୍କୁ କହିଲି ଯେଉଁମାନଙ୍କ ମଧ୍ୟରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ମଧ୍ୟ ଥିଲେ। ଯିଏ ରୋମ୍ ଦେଶରେ ଦେହତ୍ୟାଗ କରିଥିଲେ। ସେତେବେଳେ ସେ ମୋ କଥାକୁ ଅସ୍ୱୀକାର କରିଥିଲେ ଏବଂ କହିଲେ ପ୍ରଭୁଙ୍କ ରାଣ ମୁଁ କଳନା କରିପାରୁନାହିଁ ଯେ ହଜୁର ସ:ଆ:ସ ଏଭଳି କଦାଚିତ କହିଥିବେ ଅର୍ଥାତ ଅଗ୍ନୀ ସେହି ବ୍ୟକ୍ତି ଉପରେ ନିଷେଦ୍ଧ ହୋଇଯିବ ଯିଏ **ଲାଇଲାହା ଇଲ୍ଲଲ୍ଲାଃ**ର ସ୍ୱୀକାର କରିନେବ। ସେ ଯାହା ହେଉ ସେ ମତେ କହିଲେ, ଏକଥା ମତେ ବହୁତ ଅଡୁଆ ଲାଗିଲା ଏବଂ ମୁଁ ଧର୍ମ ସଙ୍କଟରେ ପଡ଼ିଗଲି ଶେଷରେ ମୁଁ ମାନସିକ କଲି ଯଦି ପ୍ରଭୁ ମତେ ସୁରକ୍ଷିତ ରଖନ୍ତି ଏବଂ ମତେ ଯୁଦ୍ଧରୁ ଜୀବିତ ଫେରାଇ ଆଣନ୍ତି ତେବେ ଏ ସଂକ୍ରାନ୍ତରେ ମୁଁ ହଜ୍‌ରତ୍ ଉତ୍‌ବାନ୍ ବିନ୍ ମାଲିଙ୍କୁ ପଚାରି ବୁଝିବି ଯଦି ମୁଁ ତାଙ୍କୁ ମସ୍‌ଜିଦ୍‌ରେ ଜୀବିତ ଦେଖେ। ଅତଏବ ମୁଁ ଯୁଦ୍ଧରୁ ସୁରକ୍ଷିତ ଫେରିଲି ଏବଂ ହଜ୍ ଓ ଉମ୍‌ରା କରିବା ନିୟତରେ ବାହାରି ପଡ଼ିଲି ଏପରି କି ମଦିନାରେ ପହଂଚିଗଲି ଏବଂ ବନୁ ସାଲିମ୍‌ର ଅଟ୍ଟାଳିକା ଆଡ଼କୁ ଗଲି ସେତେବେଳେ ମୁଁ କଣ ଦେଖୁଛି ଯେ ଉତ୍‌ବାନ୍ ପରିଣତି ଅବସ୍ଥାରେ ପହଂଚିଗଲେଣି ଏବଂ ତାଙ୍କ ଦୃଷ୍ଟି ଶକ୍ତି ମଧ୍ୟ ଚାଲିଗଲାଣି ସେ ନିଜ ଗୋଷ୍ଠୀ ସମୂହକୁ ନମାଜ ପାଠ କରାଉଥିଲେ ଯେତେବେଳେ ସେ ନମାଜ ପଢ଼ିନେଲେ ସଲାମ୍ ଫେରିନେଲେ ସେତେବେଳେ ମୁଁ ତାଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କୁ ସଲାମ୍ କଲି ଏବଂ ତାଙ୍କୁ କହିଲି ଯେ, ମୁଁ କିଏ? ତା'ପରେ ଅର୍ଥାତ ମୁଁ ନିଜର ପରିଚୟ ଦେଲି ତା'ପରେ ମୁଁ ତାଙ୍କୁ ସେହି ପ୍ରଶ୍ନ ପଚାରିବାରୁ ସେ କହିଲେ, ହଁ ତାହା ଠିକ୍ ଅର୍ଥାତ ହଜୁର ସ:ଆ:ସଙ୍କୁ ମୁଁ ଏହି କଥା କହୁଥିବାର ଶୁଣିଛି ଯେ ଅଲ୍ଲାଃ ତାଲା ସେହି ବ୍ୟକ୍ତି ପାଇଁ ଅଗ୍ନୀର ଶାସ୍ତିକୁ ନିଷେଦ୍ଧ କରିଦେଇଛନ୍ତି ଯିଏ **ଲାଇଲାହା ଇଲ୍ଲଲ୍ଲାଃ**ର ସ୍ୱୀକାରୋକ୍ତି କରିଥାଏ। ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ନିଜର ମତପ୍ରକାଶ କରିଛନ୍ତି ଯେ ହଦିସ୍‌ରେ ଆସୁଛି ହଜୁର ସ:ଆ:ସ କୁହନ୍ତି, ଯେଉଁ ବ୍ୟକ୍ତି **ଲାଇଲାହା ଇଲ୍ଲଲ୍ଲାଃ** ର ସ୍ୱୀକାର କରିଥାଏ ଅଲ୍ଲାଃ ତାଲା ତାହାପାଇଁ ଅଗ୍ନୀର ଶାସ୍ତିକୁ ନିଷେଦ୍ଧ କରିଦେଇଥାନ୍ତି। ଆଗକୁ ଆପଣ ଉଲ୍ଲେଖ କରନ୍ତି ମେହମୁଦ୍ ବିନ୍ ରବି ବର୍ଣ୍ଣନା କରନ୍ତି, ମୁଁ ଉତ୍‌ବାନ୍ ବିନ୍ ମାଲିଙ୍କଠାରୁ ଶୁଣିବାକୁ ପାଇଲି ହଜୁର ସ:ଆ:ସ କହିଲେ, ଅଲ୍ଲାଃ ତାଲା ସେହି ବ୍ୟକ୍ତି ପାଇଁ ଅଗ୍ନୀର ଶାସ୍ତିକୁ ନିଷେଦ୍ଧ କରିଦେଇଛନ୍ତି ଯିଏ, **ଲାଇଲାହା ଇଲ୍ଲଲ୍ଲାଃ** ର ସ୍ୱୀକାର କରିଥାଏ। କିନ୍ତୁ ଯେତେବେଳେ ମୁଁ ଏହି କଥା ଏକ ବୈଠକରେ ଲୋକମାନଙ୍କ ନିକଟରେ ଆଲୋଚନା କଲି ଯେଉଁ ସ୍ଥଳେ ଅବୁ ଅୟୁବ ବିରାଜମାନ ଥିଲେ। ସେତେବେଳେ ସେ ଏହି ବର୍ଣ୍ଣନାକୁ ଖରାଜ୍ କଲେ ଏବଂ କହିଲେ ପ୍ରଭୁଙ୍କ ରାଣ ମୁଁ କଦାପି ଏଭଳି ଚିନ୍ତା କରିପାରୁନାହିଁ ଯେ, ହଜୁର ସ:ଆ:ସଙ୍କ ମୁଖରୁ ଏଭଳି ଉକ୍ତି ନିସୃତ ହୋଇଥିବ। ଆଗକୁ ସେ ଉଲ୍ଲେଖ କରନ୍ତି ଯେ ହଜ୍‌ରତ୍ ଅବୁ ଅୟୁବଙ୍କ ଏଭଳି ଅସ୍ୱୀକାର କରିବା କାରଣ ପଛରେ କିଛି ତଥ୍ୟ ଥାଇପାରେ।

ମିଆଁ ବଶିର୍ ଅହେମଦ୍ ସାହେବ କୁହନ୍ତି ସମ୍ଭବତଃ ତାଙ୍କୁ ବୁଝିବାରେ ଅବା ଯେଉଁ କଥାର ଭିତିରେ ସେ ଏଭଳି ଅସ୍ୱୀକାର କଲେ ତାହା ଠିକ୍ ନ ହୋଇପାରେ। ସେ ଯାହା ହେଉ ନା କାହିଁକି ଏକଥା ପ୍ରମାଣ କରୁଅଛି ଯେ ସାହାବାଗଣ କୌଣସି କଥାକୁ ଶୁଣି ସଙ୍ଗେ ସଙ୍ଗେ ତାହାକୁ ଅନ୍ଧପରି ଗ୍ରହଣ କରିନେଉ ନଥିଲେ ବରଂ ପ୍ରତ୍ୟେକ କଥାକୁ ବୁଝିସୁଝି ଗବେଷଣା କରି ଦରାୟତ୍ ଓ ରିୱାୟତ୍‌ର ର ନିୟମ ଅନୁଯାୟୀ ପରୀକ୍ଷା କରିବା ପରେ ଯାଇ ଗ୍ରହଣ କରୁଥିଲେ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍, ପୃ-୧୬)***

ବୁଖାରୀର ଏହି ଉକ୍ତିର ବ୍ୟାଖ୍ୟାରେ ହଜ୍‌ରତ୍ ସୟଦ୍ ୱଲିଉଲ୍ଲାଃ ସାହେବ ଲେଖିଛନ୍ତି, ହଜ୍‌ରତ୍ ମେହମୁଦ୍ ବିନ୍ ରବିଙ୍କୁ ଯେତେବେଳେ ହଜରତ ଅବୁ ଅୟୁବ ଅନ୍‌ସାରୀ ଉକ୍ତ ବର୍ଣ୍ଣନାକୁ ଶୁଣିଲେ ସେତେବେଳେ ସେମାନେ ଅଗ୍ରାହ୍ୟ କରିଥିଲେ। କେତେକ ମତ ରହିଛି ଯେ ସେମାନଙ୍କ ଅଗ୍ରାହ୍ୟର ମୁଳକାରଣ ଏହା ଥିଲା ଯେ ଯେପର୍ଯ୍ୟନ୍ତ ପୂଣ୍ୟକର୍ମ ତା ସହିତ ସମ୍ପାଦିତ ହୋଇନାହିଁ ସେ ପର୍ଯ୍ୟନ୍ତ ମୌଖିକ ସ୍ୱୀକାରୋକ୍ତି ଅର୍ଥାତ **ଲାଇଲାହା ଇଲ୍ଲଲ୍ଲାଃ** କହିଦେବା ନର୍କାଗ୍ନୀରୁ ସୁରକ୍ଷା ଦେଇପାରିବ ନାହିଁ। ଉକ୍ତ ପ୍ରସଙ୍ଗଟି ଇସ୍‌ଲାମୀୟ ସମସ୍ୟାର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ପ୍ରସଙ୍ଗ ତାହା ଠିକ୍ ଏବଂ ତଦନୁଯାୟୀ ମଧ୍ୟ ହୁଏ କିନ୍ତୁ ଆଗକୁ ଶାହ୍ ସାହେବ ଉଲ୍ଲେଖ କରନ୍ତି ଯେ **ୟବ୍‌ତଗି ବିଜାଲିକା ୱଜ୍‌ହଲ୍ଲାହି** ର ଯେଉଁ ବାକ୍ୟ ରହିଛି ତାହା ଏହା ସୁଚାଉଛି ଯେ ଉକ୍ତ ସ୍ୱୀକାରୋକ୍ତିଟି କେଉଁ ପ୍ରକାର ଏକଶ୍ୱରବାଦ ଅର୍ଥାତ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ସକାଶେ କଲ୍‌ମା ପଢ଼େ ତାହା ପାଇଁ ନର୍କାଗ୍ନୀ ଅବୈଧ ଅଟେ। ପୁନଶ୍ଚ ଶାହ୍ ସାହେବ ଉଲ୍ଲେଖ କରନ୍ତି ଯେ ହଜ୍‌ରତ୍ ମେହମୁଦ୍ ସାହେବ ପୂର୍ଣ୍ଣବାର ଏଥିପାଇଁ ଗବେଷଣା କଲେ କି ବୋଧ ହୁଏ ସେ କେତେକ ଶବ୍ଦଗୁଡ଼ିକୁ ବୁଝି ପାରିନାହାନ୍ତି ଏବଂ ଯେତେବେଳେ ସେ ପୂର୍ନବାର ଗବେଷଣା କରିଛନ୍ତି ସେତେବେଳେ ଏହା ପ୍ରମାଣିତ ହୋଇଛି ସେ ସେହି ବର୍ଣ୍ଣନାର ଶବ୍ଦଗୁଡ଼ିକ ସଠିକ୍ ଥିଲା। ପୁନଶ୍ଚ ସେ ଉଲ୍ଲେଖ କରନ୍ତି ଯେ କୌଣସି ବ୍ୟକ୍ତି ବିଶ୍ୱାସ ଏବଂ ଶତ୍ରୁତା ସମ୍ପର୍କିତ ଲୋକଙ୍କ ଆଗରେ ନିଜର ମତ ପରିପ୍ରକାଶ କରିବା ଯୁକ୍ତିଯୁକ୍ତ ନୁହେଁ ତେଣୁ କୌଣସି ବ୍ୟକ୍ତିର ବିଶ୍ୱାସ କିମ୍ୱା ଶତୃତା ସମ୍ପର୍କୀତ କଥାକୁ ଲୋକମାନଙ୍କ ଆଗରେ ପରିପ୍ରକାଶ କରିବା ଅଯୁକ୍ତିକ ଅଟେ। ଏହା କହିଦେବା ଯେ ବ୍ୟକ୍ତି କପଟ ବିଶ୍ୱାସୀ କିମ୍ୱା ତାହାର ବିଶ୍ୱାସ ଦୁର୍ବଳ, ଏହା ସମ୍ପୁର୍ଣ୍ଣରୂପେ ଭୁଲ୍ କଥନ। କାରଣ ଉକ୍ତ ଅବସରରେ ହଜୁର ସ:ଆ:ସ ଇବ୍‌ନେ ଦୁଖ୍‌ଶମ୍‌ଙ୍କ ସମ୍ପର୍କରେ ଆପତି କରିବାକୁ ନାପସନ୍ଦ କରିଥିଲେ। ହଜୁର ସ:ଆ:ସ ସର୍ବସାଧାରଣଙ୍କ ଆଗରେ ଏପରି କହିବାକୁ ନାପସନ୍ଦ କରିଥିଲେ ଉକ୍ତ ପ୍ରକାରର ଆପତି କରିବା ସଂସ୍କାର ପରିବର୍ତେ ଉପଦ୍ରବ ତଥା ସଂଘର୍ଷର ସୁତ୍ରପାତର ମୂଳକାରଣ ସାଜି ଥାଏ।

***(ସହି ବୁଖାରୀ.... ହଦିସ୍- ୧୧୮୬, ଖଣ୍ଡ-୨, ପୃ-୫୬୫.... ନଜାରତ୍ ଇଶାଅତ୍ ରବୁୱା)***

ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ଓ ହଜ୍‌ରତ୍ ମୁସ୍‌ୱିର୍ ବିନ୍ ମୁଖ୍‌ରମା ଅବୁୱା ସ୍ଥାନରେ ସ୍ନାନ ସମ୍ପର୍କରେ ମତ ପ୍ରାର୍ଥକ୍ୟ ଥିବାର ପରିପ୍ରକାଶ କରିଛନ୍ତି। ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ କହିଲେ ମୁହ୍‌ରମ୍ ନିଜର ମୁଣ୍ଡକୁ ଧୋଇ ପାରିବ ଏବଂ ହଜ୍‌ରତ୍ ମିସ୍‌ୱର୍ କହିଲେ କି ମୁହ୍‌ରମ୍ ନିଜର ମସ୍ତକ ଧୋଇପାରିବ ନାହିଁ। ବର୍ଣ୍ଣନା କାରୀ କୁହନ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ମତେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ନିକଟକୁ ପ୍ରେରଣ କଲେ। ସେ ତାଙ୍କୁ ଦୁଇ କାଠ ମଧ୍ୟରେ ସ୍ନାନ କରୁଥିବାର ଦେଖିବାକୁ ପାଇଲେ। ତା' ଉପରେ ବସ୍ତ୍ର ଦ୍ୱାରା ପରଦା କରାଯାଇଥିଲା। ମୁଁ ଯେତେବେଳେ ତାଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲି ସେତେବେଳେ ସେ କହିଲେ ତୁମେ କିଏ? ମୁଁ କହିଲି ମୁଁ ଅବ୍‌ଦୁଲ୍ଲାଃ ବିନ୍ ହୁନୈନ୍। ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ ମତେ ଆପଣଙ୍କ ନିକଟକୁ ପ୍ରେରଣ କରିଛନ୍ତି କି ମୁଁ ଆପଣଙ୍କୁ ପଚାରିବି ଏବଂ ବୁଝିବି ଯେତେବେଳେ ହଜୁର ସ:ଆ:ସ ଏହ୍‌ରାମ୍ ଅବସ୍ଥାରେ ଥିଲେ ସେତେବେଳେ ହଜୁର ନିଜର ମସ୍ତକ ଧୋଉଥିଲେ ନା ନାହିଁ। କାରଣ ହଜୁର ସ:ଆ:ସଙ୍କର ବର୍ଣ୍ଣନା ମିଳୁଛି ଯେ ମସ୍ତକରେ ଏହ୍‌ରାମ୍ ବନ୍ଧା ଥିବା ସମୟରେ ମସ୍ତକ ଧୋଇବା ଅନୁଚିତ। ତେବେ ହଜ୍‌ରତ୍ ଅବୁ ଅୟୁବ ନିଜର ହାତ କପଡ଼ା ଉପରେ ରଖିଲେ ଏବଂ ତାହାକୁ ନିଜ ଆଡ଼କୁ ଆନତ କଲେ ଏପର୍ଯ୍ୟନ୍ତ କି ତାଙ୍କର ମସ୍ତକ ମତେ ଦୃଶ୍ୟମାନ ହେଲା ଅର୍ଥାତ ସେ ପଛରେ ଛିଡ଼ା ହୋଇଥିଲେ ଏବଂ ଯେଉଁ ପରଦା ଲଗାଯାଇଥିଲା ତାହାକୁ ତଳକୁ ଖସାଇ ନିଜର ମସ୍ତକ ମତେ ଦେଖାଇଲେ ଏହାପରେ ସେ ଜଣେ ବ୍ୟକ୍ତିକୁ କହିଲେ, ଯାହାଙ୍କୁ ପାଣି ଢ଼ାଳିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ମୋ ମସ୍ତକ ଉପରେ ପାଣି ଢ଼ାଳ ଏହାପରେ ସେ ନିଜର ଦୁଇ ହାତ ସାହାଯ୍ୟରେ ନିଜର ମସ୍ତକକୁ ମର୍ଦ୍ଦନ କଲେ କିମ୍ୱା ହାତ ଦ୍ୱୟ ଆଗକୁ ଆଣିଲେ ଏବଂ ପଛକୁ ନେଇଗଲେ ଓ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏପରି କରୁଥିବାର ସ୍ୱୟମ ଦେଖିଛି। ହଜୁର ସ:ଆ:ସ ଏକଦା ନିଜ ମସ୍ତକ ଧୋଇବା ସମୟରେ ହାତ ଦ୍ୱୟକୁ ଆଗକୁ ଆଣୁଥିଲେ ଏବଂ ପୂନଶ୍ଚ ପଛକୁ ଫେରାଇ ନେଉଥିଲେ ଓ ଏପରି ମସ୍ତକ ଧୋଉଥିଲେ। ***(ସହି ବୁଖାରୀ...... ହଦିସ୍ ନଂ-୧୮୪୦)***

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ହଜ୍‌ରତ୍ ସଇଦ୍ ବିନ୍ ମୁସ୍‌ଅବ୍ ବର୍ଣ୍ଣନା କରନ୍ତି ଯେ ଏକଦା ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ହଜୁର ସ:ଆ:ସଙ୍କ ପବିତ୍ର ଦାଢ଼ିରେ ଏକ କୁଟା ଲାଗିଥିବାର ଦେଖିବାକୁ ପାଇଲେ ତେବେ ସେ ତାହାକୁ ବାହାର କରିଦେଲେ ଏବଂ ପରେ ହଜୁର ସ:ଆ:ସଙ୍କୁ ଦେଖାଇଲେ ପ୍ରତି ଉତରରେ ହଜୁର ସ:ଆ:ସ ଅବୁ ଅୟୁବଙ୍କୁ କହିଲେ ଯେ ଅଲ୍ଲାଃ ତାଲା ଅବୁ ଅୟୁବ୍‌ଙ୍କଠାରୁ ସେହି ବସ୍ତୁକୁ ଦୁରିଭୁତ କରିବେ ଯାହାକୁ ସେ ନାପସନ୍ଦ କରନ୍ତି । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହଜୁର ସ:ଆ:ସ କହିଲେ ହେ ଅବୁ ଅୟୁବ! ତୁମକୁ କଷ୍ଟ ଯେପରି ନ ହେଉ ।

***(କନଜୁଲ୍ ଅମ୍ମାଲ୍, ଖଣ୍ଡ-୧୩, ପୃ-୬୧୪..... ହଦିସ୍ ନଂ- ୩୭୫୬୮, ୩୭୫୬୯.......୧୯୮୫)***

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ଜମଲ୍ ଯୁଦ୍ଧ, ସଫିନ୍ ଯୁଦ୍ଧ ଏବଂ ନେହରୁୱାନ୍ ଯୁଦ୍ଧରେ ହଜ୍‌ରତ୍ ଅଲୀ ର:ଅଙ୍କ ସୈନ୍ୟଦଳର ସର୍ବାଗ୍ରେ ସାମିଲ ଥିଲେ ।

***(ଉସଦୁଲ୍ ଗାବାଃ...... ଖଣ୍ଡ-୬, ପୃ-୨୨....... ବେରୁତ ଲେବ୍‌ନାନ୍ ୨୦୦୩)***

ହଜ୍‌ରତ୍ ଅଲୀ ର:ଅଙ୍କୁ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରିଙ୍କ ଅସ୍ତିତ୍ୱରେ ଉପରେ ଯେଉଁ ଭରଷା ରହିଥିଲା ତାହା ଉକ୍ତ କଥାରୁ ପରିପ୍ରକାଶ ହେଉଅଛି ଯେ ଯେତେବେଳେ ହଜ୍‌ରତ୍ ଅଲୀ ର:ଅ କୁଫାକୁ ନିଜର ଖିଲାଫତ୍‌ର ରାଜଧାନୀ ରୁପେ ଚୟନ କଲେ ସେଠାକୁ ସ୍ଥାନାନ୍ତରିତ ହେଲେ ସେତେବେଳେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରିଙ୍କୁ ମଦିନାର ଗର୍ଭର୍ଣ୍ଣର ଭାବରେ ନିଯୁକ୍ତ କରିଥିଲେ । ଅବୁ ଅୟୁବ ୪୦ ହିଜ୍‌ରୀ ପର୍ଯ୍ୟନ୍ତ ମଦିନାର ଗଭର୍ଣ୍ଣର ଭାବରେ ଦାୟିତ୍ୱ ତୁଲାଇଥିଲେ । ଏପରି କି ବୁସର୍ ବିନ୍ ଅବୁ ଅର୍ତାତ୍‌ଙ୍କ ନେତୃତ୍ୱରେ ଅମୀର ମୁଆୱିୟାଙ୍କ ସିରିୟା ସୈନ୍ୟଦଳ ଯେତେବେଳେ ମଦିନା ଉପରେ ଆକ୍ରମଣ କଲା ସେତେବେଳେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ମଦିନା ଛାଡ଼ି ହଜ୍‌ରତ୍ ଅଲୀଙ୍କ ନିକଟକୁ କୁଫା ଚାଲିଯାଇଥିଲେ ।

ହଜୁର ସ:ଆ:ସଙ୍କ ପରେ ସାହାବାଗଣଙ୍କୁ ଖିଲାଫତର ଦରବାରରୁ ମାସିକ ଭତା ମିଳୁଥିଲା । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ଭତା ପ୍ରଥମେ ଚାରିହଜାର ଥିଲା । ହଜ୍‌ରତ୍ ଅଲୀ ନିଜ ଖିଲାଫତ ଶାସନ କାଳରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ମାସିକ ଭତା କୋଡ଼ିଏ ହଜାରକୁ ବଢ଼ାଇ ଦେଇଥିଲେ । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ଜମିକୁ ଚାଷ କରିବାପାଇଁ ପ୍ରଥମେ ଆଠଜଣ ଦାସ ନିଯୁକ୍ତ ହୋଇଥିଲେ । କିନ୍ତୁ ପରବର୍ତୀ ପ୍ରଯ୍ୟାୟରେ ହଜ୍‌ରତ୍ ଅଲୀ ର:ଅ ଅତିରିକ୍ତ ଚାଳିଶିଜଣ ଦାସ ତାଙ୍କୁ ଜମିକୁ ଚାଷ କରିବାପାଇଁ ନିଯୁକ୍ତ କରିଥିଲେ ।

***(ତାରିଖେ ତିବ୍‌ରି, ଖଣ୍ଡ-୩, ପୃ-୧୫୩... ବେରୁତ ୧୯୮୭)***

***(ସିରସ୍ ସାହାବା...... ଖଣ୍ଡ-୩, ପୃ-୧୧୨...... କରାଚି ୨୦୦୪)***

ହଜ୍‌ରତ୍ ହବିବ୍ ବିନ୍ ଅବୁ ସାବିତ୍ ର:ଅ ବର୍ଣ୍ଣନା କରନ୍ତି ଯେତେବେଳେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ଅମୀର ମୁଆୱିୟାଙ୍କ ପାଖକୁ ଆସିଲେ ଏବଂ ତାଙ୍କ ଆଗରେ ନିଜ ଉପରେ ଥିବା ଋଣ ସମ୍ପର୍କରେ ଅଭିଯୋଗ କଲେ । ଯାହାକୁ ସେ ପସନ୍ଦ କଲେ ତାହାକୁ ସେ ଦେଖିଲେ ନାହିଁ ଏବଂ ଯାହାକୁ ସେ ନପସନ୍ଦ କଲେ ତାହାକୁ ସେ ଦେଖିଲେ । ଏହା ଦେଖି ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ ତୁମେମାନେ ଭବିଷ୍ୟତରେ ଅବଶ୍ୟ ପରସ୍ପର ଉପରେ ପ୍ରାଧାନ୍ୟତା ଅବଲୋକନ କରିବ । ଅର୍ଥାତ ତୁମମାନଙ୍କର ଗୁରୁତ୍ୱ ତଥା ପ୍ରାଧାନ୍ୟତା ପରିବର୍ତନ ହୋଇଯିବ । ଅମୀର ମୁଆୱିୟା କହିଲା ଯେ ତାହେଲେ ହଜୁର ସ:ଆ:ସ ତୁମମାନଙ୍କୁ କେଉଁ କଥାର ଆଦେଶ ଦେଇଛନ୍ତ । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ କହିଲେ ହଜୁର ସ:ଆ:ସ କହିଥିଲେ ଯେ ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କର ଯେତେବେଳେ ଏପରି ପ୍ରାଧାନ୍ୟତା ପରିବର୍ତିତ ହୋଇଯିବ ଯେଉଁଠି ତୁମମାନଙ୍କୁ ଆଉ ଗୁରୁତ୍ୱ ଦିଆଯିବ ନାହିଁ ତୁମମାନଙ୍କ କଥା ଲୋକେ ମାନିବେ ନାହିଁ ସେ ପରିପ୍ରେକ୍ଷୀରେ ତୁମେମାନେ ଧୈର୍ଯ୍ୟ ପ୍ରଦର୍ଶନ କରିବ ଧୈର୍ଯ୍ୟ ରକ୍ଷା କରିବ । ଏହା ଶୁଣି ଅମୀର ମୁଆୱିୟା କହିଲା ତେବେ ତୁମେ ସେହିପରି ଧୈର୍ଯ୍ୟ ଅବଲମ୍ବନ କର ଏହା ଶୁଣି ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ମୁଁ କେବେବି ତୁମକୁ କୌଣସି ଜିନିଷ ମାଗିବି ନାହିଁ । ଏହାପରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ବସ୍‌ରା ଚାଲିଯାଇଥିଲେ ଏବଂ ହଜ୍‌ରତ୍ ଇବ୍‌ନେ ଅବ୍‌ବାସଙ୍କ ଘରେ ଅବସ୍ଥାନ କରିଥିଲେ । ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ତାଙ୍କ ପାଇଁ ନିଜର ଘର ଖାଲି କରିଦେଇଥିଲେ ଏବଂ କହିଲେ ମୁଁ ଆପଣଙ୍କ ସହିତ ସେହିଭଳି ବ୍ୟବହାର ପ୍ରଦର୍ଶନ କରିବି ଯେଭଳି ଆପଣ ହଜୁର ସ:ଆ:ସଙ୍କ ସହିତ ପ୍ରଦର୍ଶନ କରିଥିଲେ ଅର୍ଥାତ ଯେତେବେଳେ କି ହଜୁର ମଦିନାରେ ଆଗମନ କରିଥିଲେ ଏବଂ ଆପଣ ତାଙ୍କର ଆତିଥ୍ୟ କରିଥିଲେ, ତାଙ୍କର ସତ୍କାର କରିଥିଲେ । ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ ଯେତେବେଳେ ନିଜର ପରିବାରବର୍ଗଙ୍କୁ ଆଦେଶ ଦେଲେ ସେତେବେଳେ ସେମାନେ ଘରୁ ବାହାରକୁ ଚାଲିଗଲେ ଏବଂ ହଜ୍‌ରତ୍ ଇବ୍‌ନେ ଅବ୍‌ବାସ ର:ଅ କହିଲେ ମୋ ଘରେ ଯାହାସବୁ ରହିଛି ତାହା ଆପଣଙ୍କର ଏବଂ ସେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କୁ ଚାଳିଶି ହଜାର ଦିର୍‌ହାମ୍ ଏବଂ ୨୦ ଜଣ ଦାସ ପ୍ରଦାନ କରିଥିଲେ । ଇବ୍‌ନେ ଅବ୍‌ବାସ ନା କେବଳ ତାଙ୍କର ରହିବା ଲାଗି ବ୍ୟବସ୍ଥା କରିଥିଲେ ବରଂ ତାଙ୍କୁ ଚାଳିଶି ହଜାର ଦିର୍‌ହମ୍ ଓ ୨୦ ଜଣ ଦାସ ପ୍ରଦାନ କରିଥିଲେ । ***(କନଜୁଲ୍ ଅମ୍ମାଲ୍, ଖଣ୍ଡ-୧୩, ପୃ-୬୧୪-୬୧୫..... ହଦିସ୍ ନଂ- ୩୭୫୭୦ ମୁସିସତୁର୍ ରିସାଲା ୧୯୮୫)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ଆୟତକୁ ବ୍ୟାଖ୍ୟାକାରୀ ବର୍ଣ୍ଣନା କରନ୍ତି ଯେ ଉକ୍ତ ଆୟତର ଅର୍ଥକୁ ବୁଝିବାରେ ଲୋକମାନଙ୍କୁ ଭ୍ରମ ଲାଗିଛି । **ୱ ଅନ୍‌ଫିକୁ ଫଇ ସବିଲିଲ୍ଲାଃ....... ଇନ୍ନଲ୍ଲାହା ୟୁହିବ୍‌ବୁଲ୍ ମୁହ୍‌ସିନିନ୍ (ସୁରଃ ବକ୍‌ରାଃ:୧୯୬)** ଅର୍ଥାତ ଅଲ୍ଲାଃଙ୍କ ପଥରେ ଧନଜୀବନ ବ୍ୟୟ କର ଏବଂ ସ୍ୱହସ୍ତରେ ନିଜେ ନିଜକୁ ବିନାଶ କରନାହିଁ ଏବଂ ହିତସାଧନ କର ବାସ୍ତବରେ ଅଲ୍ଲାଃ ତାଲା ହିତକାରୀଙ୍କୁ ପ୍ରେମ କରନ୍ତି କାରଣ ଅଲ୍ଲାଃ ତାଲା କୁହନ୍ତି **ୱଲା ତୁଲ୍‌କୁ ବିଅଦିକୁମ୍ ଇଲତ୍‌ତହ୍‌ଲୁକାଃ** ଅର୍ଥାତ ସ୍ୱହସ୍ତରେ ନିଜକୁ ବିନାଶ କରନାହିଁ । ଆମେମାନେ ତହିଁରେ କିପରି ଅଂଶ ଗ୍ରହଣ କରିପାରିବା ଯଦିଓ ଏହାର ଅର୍ଥ ଏହା କଦାପି ନୂହେଁ ଯେଉଁଠି ମୃତ୍ୟୁର ଆଶଙ୍କା ଥାଏ ସେଠାରୁ ମୁସଲମାନମାନଙ୍କୁ ପଳାୟନ କରିବା ଉଚିତ ଏବଂ ତାହାକୁ ଭୀରୁତା ବା କାପୁରୁଷତା ପ୍ରଦର୍ଶନ କରିବା ଉଚିତ ନୁହେଁ ବରଂ ଏହାର ଅର୍ଥ ଏହା ଯେ ଯେତେବେଳେ ତୁମେ ଶତୃ ସହିତ ଯୁଦ୍ଧ କର ସେତେବେଳେ ତୁମେମାନେ ନିଜର ଧନକୁ ଭଲଭାବରେ ବ୍ୟୟ କର ଏବଂ ଯଦି ତୁମେ ଧନକୁ ରୋକି ଦିଅ ତାହେଲେ ତୁମେମାନେ ସ୍ୱହସ୍ତରେ ନିଜର ମୃତ୍ୟୁର ମାଧ୍ୟମ ସୃଷ୍ଟି କରିନେବ । ସୁତରାଂ ଆହାଦିସ୍‌ରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ବର୍ଣ୍ଣନା କରନ୍ତି ଯେତେବେଳେ ସେ କୁସ୍ତନ୍ତନିୟାକୁ ବିଜୟ କରିବାପାଇଁ ବାହାରିଲେ ସେତେବେଳେ ଉକ୍ତ ଆୟତଟି ଆମ ଅନ୍‌ସାରଙ୍କ ସମ୍ପର୍କରେ ଅବତୀର୍ଣ୍ଣ ହୋଇଥିଲା । ସେ ପୁନଶ୍ଚ କହିଲେ ଆମେମାନେ ପ୍ରଥମେ ଅଲ୍ଲାଃ ତାଲାଙ୍କ ମାର୍ଗରେ ନିଜର ଅର୍ଥ ବ୍ୟୟ କରୁଥିଲୁ କିନ୍ତୁ ଅଲ୍ଲାଃ ତାଲା ଯେତେବେଳେ ନିଜ ଧର୍ମକୁ ସୁଦୃଢ଼ ଓ ସମ୍ମାନ ପ୍ରଦାନ କଲେ ଓ ମୁସଲମାନମାନଙ୍କୁ ବିଜୟ ବିମଣ୍ଡିତ କଲେ ସେତେବେଳେ ଆମେମାନେ କହିଲୁ **କୁଲ୍‌ନା ହଲ୍ ମୁକିମୁ ଫି ଅମ୍‌ୱାଲିନା ୱ ନୁସ୍‌ଲିହୁହା** ଅର୍ଥାତ ଆମେମାନେ କହିଲୁ ଯଦି ଆମେମାନେ ବର୍ତମାନ ନିଜ ଧନର ସୁରକ୍ଷା କରିବୁ ଓ ତାହାକୁ ଏକତ୍ରିତ କରିବୁ ତାହେଲେ ଏହା ଆମମାନଙ୍କ ପାଇଁ ଉତମ ହେବ । ସେତେବେଳେ ଉକ୍ତ ଆୟତଟି ଅବତୀର୍ଣ୍ଣ ହେଲା ଯେ ଅଲ୍ଲାଃଙ୍କ ପଥରେ ବ୍ୟୟ କରିବାରେ କଦାପି ପଛଘୁଂଚା ଦିଅନାହିଁ କାରଣ ଯଦି ତୁମେ ଏପରି କରିବ ତାହେଲେ ଏହାର ଅର୍ଥ ଏହା ହେବ ଯେ, ତୁମେ ନିଜ ଜୀବନକୁ ସ୍ୱହସ୍ତରେ ବିନାଶ କରିବ । ସୁତରାଂ ତୁମେମାନେ ନିଜ ଧନକୁ ଏକତ୍ର କରନାହିଁ ବରଂ ତାହାକୁ ଅଲ୍ଲାଃ ତାଲାଙ୍କ ପଥରେ ମୁକ୍ତ ହସ୍ତରେ ବ୍ୟୟ କର ଅନ୍ୟଥା ତୁମର ଜୀବନ ବ୍ୟର୍ଥ ଯିବ । ଶତ୍ରୁ ତୁମମାନଙ୍କ ଉପରେ ବିଜୟ ଲାଭ କରିବ । ପରିଣାମ ସ୍ୱରୁପ ତୁମେମାନେ ବିନାଶ ଓ ଧ୍ୱସଂ ପ୍ରାପ୍ତି ହେବ । ***(ତଫ୍‌ସିର୍ କବୀର୍ ଖଣ୍ଡ-୨, ପୃ-୪୨୯)***

ହଜ୍‌ରତ୍ ଅଲୀ ର:ଅଙ୍କ ପରେ ଯେତେବେଳେ ଅମୀର ମୁଆୱିୟାର ଶାସନକାଳ ଆସିଲା ସେତେବେଳେ ଉକ୍‌ବା ବିନ୍ ଆମୀର କୁହନ୍ତି ତାଙ୍କ ଆଡୁ ମିଶରର ଗର୍ଭଣ୍ଣର ରୂପେ ସେ ନିଯୁକ୍ତ ଥିଲେ । ହଜ୍‌ରତ୍ ଉକ୍‌ବା ଅମିରତ୍ୱ ଶାସନରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କୁ ଦୁଇଥର ମିଶର ଯାତ୍ରା କରିବାକୁ ସୁଯୋଗ ଲାଭ ହୋଇଥିଲା ପ୍ରଥମେ ତାଙ୍କୁ ଯେବେ ଏହା ଜଣାପଡ଼ିଥିଲା ଯେ ହଜ୍‌ରତ୍ ଉକ୍‌ବା କୌଣସି ବିଶେଷ ହଦିସ୍ ସମ୍ପର୍କରେ ବର୍ଣ୍ଣନା କରନ୍ତି ତେଣୁ କେବଳ ଗୋଟିଏ ହଦିସ୍ ପାଇଁ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ବାର୍ଦ୍ଧକ୍ୟକାଳରେ ଯାତ୍ରା କଷ୍ଟ ସହ୍ୟ କରିଥିଲେ । ଦ୍ୱିତୀୟଥର ପାଇଁ ରୋମ୍ ଯୁଦ୍ଧରେ ଅଂଶ ଗ୍ରହଣ କରିବା ଉଦ୍ଦେଶ୍ୟରେ ମିଶର ଯାଇଥିଲେ ।

***(ସିରସ୍ ସାହାବା...... ଖଣ୍ଡ-୩, ଭାଗ-୧, ପୃ-୧୧୩...... କରାଚି ୨୦୦୪)***

ମୁର୍‌ଆନ୍ ଯେତେବେଳେ ମଦିନାର ଗର୍ଭଣ୍ଣର ଥିଲେ ଦିନେ ସେ ଆସିଲେ ଏବଂ ଜଣେ ବ୍ୟକ୍ତିକୁ ଦେଖିଲା ଯେ ସେ ନିଜର ଚେହେରାକୁ ହଜୁର ସ:ଆ:ସଙ୍କ ପବିତ୍ର କବର ଉପରେ ସଲଗ୍ନ କରିଥିଲା । ମୁରୱାନ୍ କହିଲେ, ତୁମେ ଯାହା କରୁଛ ଏ ସମ୍ପର୍କରେ ଜାଣିଛ ଅବା ନୁହେଁ ଏହା ହେଉଛି ଈଶ୍ୱରଙ୍କ ସହିତ ସମକକ୍ଷ କରିବାପରି କାର୍ଯ୍ୟ । ଏହାପରେ ମୁରୱାନ୍ ଉକ୍ତ ବ୍ୟକ୍ତି ପାଖକୁ ଆସିଲା ଏହା ଦେଖିଲା ପରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଉତର ଦେଲେ ମୁଁ ହଜୁର ସ:ଆ:ସଙ୍କ ନିକଟକୁ ଆସିଅଛି ସେହି ପଥରମାନଙ୍କ ନିକଟକୁ ଆସିନାହିଁ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୭, ପୃ-୭୮୫...... ହଦିସ୍ ନଂ- ୨୩୯୮୩..... ବେରୁତ ୧୯୯୮) (ସିରସ୍ ସାହାବା...... ଖଣ୍ଡ-୩, ଭାଗ-୧ ପୃ-୧୧୬...... କରାଚି ୨୦୦୪)***

ଏଠାରେ ଏହା ଯଥାର୍ଥ ଥିଲା ଯେ ହଜୁର ସ:ଆ:ସଙ୍କ ପ୍ରତି ଥିବା ମୋର ଘନିଷ୍ଠ ପ୍ରେମ ଯୋଗୁଁ ମୁଁ ତାଙ୍କ କବର ଉପରେ ନଇଁ ପଡ଼ିଥିଲି ନା କି ମୁଁ ପ୍ରସ୍ତରମାନଙ୍କୁ ଦଣ୍ଡବତ ହେଉଥିଲି ନାହିଁ ମୁଁ ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିଲି । ବରଂ ସେ ଆନ୍ତରିକତା ଓ ସେ ସ୍ନେହ ପ୍ରେମରେ ସେ ଏଭଳି ହର୍‌କତ୍ କରିଥିଲେ ବରଂ ତାହା ମୋର ପ୍ରେମର ପରିପ୍ରକାଶ ଥିଲା ଏଥିରେ ମୋ ମନରେ ଅଲ୍ଲାଃଙ୍କ ଏକଶ୍ୱରବାଦରେ ତିଳେମାତ୍ର ତାଙ୍କର ଏକଶ୍ୱରବାଦକୁ କ୍ଷୁର୍ଣ୍ଣ କରିବାରେ ତିଳେମାତ୍ର ନିୟତ ନଥିଲା ।

ହଜ୍‌ରତ୍ ଅବୁ ଅବ୍‌ଦୁର୍ ରହ୍‌ମାନ୍ ହୁବ୍‌ଲି ବର୍ଣ୍ଣନା କରନ୍ତି, ଆମେମାନେ ସମୁଦ୍ରରେ ଥିଲୁ ଏବଂ ଆମ ଉପରେ ଅବ୍‌ଦୁଲ୍ଲାଃ ବିନ୍ କୈସ୍ ଫଜାରି ଅମିର୍ ଥିଲା ଆମ ସହିତ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ମଧ୍ୟ ଥିଲେ । ସେ ମାଲେ ଗନିମତ୍ ବଂଟନକାରୀଙ୍କ ସମୀପରୁ ଅତିକ୍ରମ କଲେ ଯେ କି କଏଦ୍‌ମାନଙ୍କର ନୀରିକ୍ଷଣ କରୁଥିଲା । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ଏହା ଅବଲୋକନ କଲେ ଯେ ଜଣେ ମହିଳା କାନ୍ଦୁଛି ସେ ତାଙ୍କୁ ପଚାରିଲେ ତୁମର କଣ ହୋଇଛି । ଲୋକମାନେ କହିଲେ ଉକ୍ତ ମହିଳା ଓ ତା ପୁତ୍ରକୁ ଅଲଗା କରିଦିଆଯାଇଛି । ବର୍ଣ୍ଣନାକାରୀ କୁହନ୍ତି ଏହା ଶୁଣି ସେ ପିଲାର ହାତ ଧରିଲେ ଓ ଉକ୍ତ ପୁତ୍ରକୁ ତା ମାଆ ର ହାତରେ ଟେକିଦେଲେ ଏହାପରେ ମୁଁ ମାଲେ ଗନିମତ ବଂଟନ କାରି ଅବ୍‌ଦୁଲ୍ଲାଃ ବିନ୍ କୈସ୍‌ଙ୍କ ପାଖକୁ ଗଲି ଏବଂ ତାଙ୍କୁ ସମସ୍ତ ଘଟଣାର ବୃତାନ୍ତ କଲି ପ୍ରତିଉତରରେ ସେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କୁ ଡ଼କାଇଲେ ଏବଂ ତାଙ୍କୁ ପଚାରିଲେ ଯେ ଆପଣ ଏପରି କାହିଁକି କଲେ, ସେ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯିଏ ମାଆ ଓ ତା'ର ପୁତ୍ର ମଧ୍ୟରେ ବିରହ ସୃଷ୍ଟି କରିବ ଅଲ୍ଲାଃ ତାଲା ସେହି

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

ବ୍ୟକ୍ତି ଓ ତା'ର ପ୍ରୀୟଜନଙ୍କ ମଧ୍ୟରେ କୟାମତ ଦିନ ବିରହ ଓ ବ୍ୟବଧାନ ସୃଷ୍ଟି କରିଦେବ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ଖଣ୍ଡ-୭, ପୃ-୭୬୪....... ହଦିସ୍ ନଂ-୨୩୮୯୫.........ବେରୁତ ୧୯୯୮)***

ଅତଃ ଏପରି ଯେଉଁ ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ ମାଆଠାରୁ ପିଲାକୁ ଅଲଗା କରୁଛନ୍ତି ସେମାନଙ୍କ ପାଇଁ ଏଥିରେ ଏକ ନିତିଶିକ୍ଷା ରହିଛି । ଏଥିରେ ଇସ୍‌ଲାମ୍ ଉପରେ ଯେଉଁମାନେ ଆପତି କରନ୍ତି ସେମାନେ ନିଜେ ଆଗ ଦେଖିନିଅନ୍ତୁ ସେମାନେ କେଉଁ ସ୍ଥଳେ ଛିଡ଼ା ହୋଇଛନ୍ତି ଓ କଣ କରୁଛନ୍ତି । ଇସ୍‌ଲାମ୍ ଧର୍ମ ତ ଅବଳା ତଥା ନିରୀହ ମାତା ଓ ନାରୀ ଲାଗି ଏତେ ଚିନ୍ତା କରୁଛି ଏଭଳି ଶିକ୍ଷା ଦେଉଛି କିନ୍ତୁ ସେମାନଙ୍କ ଧର୍ମ ତ ତାଙ୍କ ପାଇଁ ଏତେ ଚିନ୍ତା କରୁନାହିଁ । ବର୍ତମାନ ବିଗତ ଦିନ ଆମେରିକାରେ ଏକ ଖବର କାଗଜରେ ଖବର ପ୍ରକାଶିତ ଥିଲା ଯେ ସେଠାରେ ମଧ୍ୟ ଯେଉଁମାନେ ଇମିଗ୍ରାଂଟ୍‌ସ ଆଦି ଆସିଥିଲେ ସେମାନଙ୍କୁ ପୃଥକ ପୃଥକ କରି ରଖିଦିଆଯାଇଥିଲା ଓ କେତେକ ପିଲାମାନେ ତ କିଛି ସମୟ ପରେ ନିଜ ମାଆଙ୍କୁ ମଧ୍ୟ ଚିହ୍ନିପାରିନଥିଲେ । ସେ ଯାହା ହେଉ ନା କାହିଁକି ଇସ୍‌ଲାମ୍ ତ ଏହି ସ୍ତର ପର୍ଯ୍ୟନ୍ତ ମାଆକୁ ତା ଛୁଆଠାରୁ ଅଲଗା ନ କରିବାପାଇଁ ଏବଂ ପରସ୍ପରକୁ କଷ୍ଟ ନ ଦେବାପାଇଁ ଗୁରୁତ୍ୱ ଦେଉଅଛି ।

ହଜ୍‌ତର୍ ମର୍‌ସଦ୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେତେବେଳେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ଆମ ନିକଟକୁ ଜିହାଦ୍ ଉଦ୍ଦେଶ୍ୟ ରଖି ଆସିଲେ । ସେତେବେଳେ ହଜ୍‌ରତ୍ ଉକ୍‌ବା ବିନ୍ ଆମିର ମିଶରର ଶାସକ ଥିଲେ । ସେ ମଗ୍‌ରିବ ନମାଜରେ ବିଳମ୍ବିତ କଲେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ତାଙ୍କ ନିକଟକୁ ଗଲେ ଓ କହିଲେ ହେ ଉକ୍‌ବା ଏ କି ପ୍ରକାର ନମାଜ? ହଜ୍‌ରତ୍ ଉକ୍‌ବା ଉତର ଦେଲେ ଯେ ମୁଁ ଟିକିଏ ବ୍ୟସ୍ତ ଥିଲି ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୋର କେବଳ ଏହି ଉଦ୍ଦେଶ୍ୟ ଥିଲା ଯେ ଲୋକମାନେ ଯେପରି ଏହା ନ ଚିନ୍ତା କରନ୍ତୁ ଯେ ତୁମେ ହଜୁର ସ:ଆ:ସଙ୍କୁ ଏପରି କରୁଥିବାର ଦେଖିଥିଲ । କଣ ତୁମେ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିନାହଁ ଯେ ମୋ ସମ୍ପ୍ରଦାୟରେ ସେହି ସମୟ ପର୍ଯ୍ୟନ୍ତ ପୂଣ୍ୟ ଅବ୍ୟାହତ ରହିବ ଯେ ପର୍ଯ୍ୟନ୍ତ ମୋ ସମ୍ପ୍ରଦାୟ ସ୍ୱଭାବ ଅପରିବର୍ତିତ ରହିବ ଯେପର୍ଯ୍ୟନ୍ତ ଆକାଶର ତାରକାମାନେ ନିଜର ଜ୍ୟୋତି ପ୍ରକାଶ କରିନାହାନ୍ତି ସେ ପର୍ଯ୍ୟନ୍ତ ସେମାନେ ମଗ୍‌ରିବ ନମାଜ ପଢ଼ିବାରେ ବିଳମ୍ବ କରିବେନାହିଁ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ଖଣ୍ଡ-୭, ପୃ-୭୭୩....... ହଦିସ୍ ନଂ-୨୩୯୩୧.........ବେରୁତ ୧୯୯୮)*** ଅର୍ଥାତ ପ୍ରଥମ ବେଳାରେ ମଗ୍‌ରିବ୍ ନମାଜ ପଢ଼ିବା ଉଚିତ ।

ହଜୁର ସ:ଆ:ସଙ୍କର କହିବାର ଉଦ୍ଦେଶ୍ୟ ହେଲା ସେ ମଗ୍‌ରିବ୍ ନମାଜକୁ ପ୍ରଥମ ସମୟରେ ହିଁ ଅର୍ଥାତ ଧାର୍ଯ୍ୟ ସମୟରେ ହିଁ ପଢ଼ିବା ଉଚିତ ବିଳମ୍ବ କରିବା ଅନୁଚିତ ।

ଅବୁ ୱାସିଲ୍ ବର୍ଣ୍ଣନା କରନ୍ତି ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କୁ ମୁଁ ସାକ୍ଷାତ କଲି ସେ ମୋ ସହିତ କରମର୍ଦ୍ଦନ କଲେ ଏବଂ ଦେଖିଲେ ଯେ ମୋ ନଖ ବହୁତ ଲମ୍ବା ହୋଇଯାଇଛି ସେ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ତୁମମାନଙ୍କ ମଧରେ ଏମିତି ଲୋକ ଅଛନ୍ତି ଯେଉଁମାନେ ଆକାଶ ଲୋକର ଖବର ସମ୍ପର୍କରେ ପ୍ରଶ୍ନ କରନ୍ତି ଅଥଚ ସେମାନେ ନିଜେ ଏତେ ବଡ଼ ବଡ଼ ଲମ୍ବା ନଖ ରଖୁଛନ୍ତି ଯେପରି ପକ୍ଷୀମାନଙ୍କର ବଡ଼ ବଡ଼ ଲମ୍ବା ନଖ ରହିଥାଏ । ସେହି ନଖରେ ଅପବିତ୍ରତା ଓ ଆବର୍ଜନା ଏକତ୍ରିତ ରହିଥାଏ ଯମାଟ ବାନ୍ଧିଥାଏ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ଖଣ୍ଡ-୭, ପୃ-୭୭୫....... ହଦିସ୍ ନଂ-୨୩୯୩୮.........ବେରୁତ ୧୯୯୮)***

ଅର୍ଥାତ ସେମାନେ କଥା ତ ବେଶ୍ ବଡ଼ ବଡ଼ କରନ୍ତି ଏବଂ ଈଶ୍ୱରଙ୍କ ସମ୍ବନ୍ଧିତ ଜ୍ଞାନ ବିଷୟରେ ବଡ଼ ବଡ଼ ପ୍ରଶ୍ନ କରନ୍ତି, ଜ୍ଞାନ ବାଂଟିଥାନ୍ତି କିନ୍ତୁ ସେମାନଙ୍କର ଏଭଳି ଅବସ୍ଥା ରହିଥାଏ ଯେପରି ତୁମମାନଙ୍କର ବଡ଼ ବଡ଼ ନଖ ରହିଛି ଏବଂ ତହିଁରେ ଅସନା ଓ ଅପବିତ୍ରତା ଜମାଟ ବାନ୍ଧି ରହିଛି ତେଣୁ ତୁମେ ନିଜ ନଖକୁ ସର୍ବଦା କାଟ ଓ ପରିଷ୍କାର ରଖ । ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଏହି ହଦିସ୍ ବର୍ଣ୍ଣିତ କରିଛନ୍ତି ।

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ମର୍ଯ୍ୟାଦା ଓ ପ୍ରତିଷ୍ଠାର ଏତେ ମାନ୍ୟତା ରହିଥିଲା ଯେ ସ୍ୱୟମ ସାହାବାମାନେ କୌଣସି ସମସ୍ୟାର ସମ୍ପର୍କରେ ତାଙ୍କଠାରୁ ପଚାରି ବୁଝୁଥିଲେ । ହଜ୍‌ରତ୍ ଇବ୍‌ନେ ଅବ୍‌ବାସ, ଇବ୍‌ନେ ଉମର୍, ବରାଅ ବିନ୍ ଆଜିବ୍, ଅନସ୍ ବିନ୍ ମାଲିକ୍, ଅବୁ ଉମାମା, ଜଏଦ୍ ବିନ୍ ଖାଲିଦ୍ ଜୋହନି, ମିକ୍‌ଦାମ୍ ବିନ୍ ମାଦି କିର୍‌ବ, ଜାବିର୍ ବିନ୍ ସୁମୈରା, ଅବ୍‌ଦୁଲ୍ଲାଃ ବିନ୍ ୟଜିଦ୍ ଖତିମି ଆଦି ସାହାବାମାନେ ଯେଉଁମାନେ ହଜୁର ସ:ଆ:ସଙ୍କ ଦ୍ୱାରା ସଂସ୍କାରିତ ହୋଇଥିଲେ, ସେମାନେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ଠାରୁ ଲାଭ ଉଠାଇଥିଲେ । ତାବେଇନ୍ ମାନଙ୍କ ମଧ୍ୟରେ ସଇଦ୍ ବିନ୍ ମୁସ୍‌ଅବ୍ ଉରୱା ବିନ୍ ଜୁବୈର୍, ସାଲିମ୍ ବିନ୍ ଅବ୍‌ଦୁଲ୍ଲାଃ, ଅତାଆ ବିନ୍ ୟସାର, ଅତାବିନ୍ ୟଜିଦ୍ ଲୈସି, ଅବୁ ସଲ୍‌ମା ଏବଂ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅବି ଲୈଲା ଆଦି ବଡ଼ ବଡ଼ ପହଂଚିଥିବା ସାହାବାମାନେ ମଧ୍ୟ ଅନ୍ୟତମ ଅଟନ୍ତି । ଏହା ସତ୍ୱେ ବି ସେମାନେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ପ୍ରତି ଶ୍ରଦ୍ଧାଭାବ, ପ୍ରେମଭାବ ପ୍ରଦର୍ଶନ କରୁଥିଲେ । ***(ସିରସ୍ ସାହାବା...... ଖଣ୍ଡ-୩, ଭାଗ-୧, ପୃ-୧୧୫...... କରାଚି ୨୦୦୪)***

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ବର୍ଣ୍ଣନା କରନ୍ତି ସେ ମୁଆୱିୟାଙ୍କ ଶାସନ ସମୟରେ ଜିହାଦ୍ ପାଇଁ ବାହାରିଲେ କିନ୍ତୁ ସେ କୁହନ୍ତି ମୁଁ ସେତେବେଳେ ଅସୁସ୍ଥ ଥିଲି ରୋଗଟି ଯେତେବେଳେ ଏତେ ଜଟିଳ ହୋଇପଡ଼ିଲା ନିଜର ସାଥିମାନଙ୍କୁ କହିଲି ଯଦି ମୁଁ ମରିଯାଏ ତାହେଲେ ତୁମେମାନେ ମତେ କାନ୍ଧରେ ବୋହିନେବ ଯେତେବେଳେ ତୁମେମାନେ ଶତ୍ରୁ ବିପକ୍ଷରେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିବ ସେତେବେଳେ ତୁମେମାନେ ମତେ ନିଜ ପାଦ ତଳେ ପୋତି ଦେବ ମୁଁ ତୁମକୁ ଏକ ହଦିସ୍ ଶୁଣାଇବି ଯାହାକୁ ମୁଁ ହଜୁର ସ:ଆ:ସଙ୍କଠାରୁ ଶୁଣିଛି ଆପଣ କୁହନ୍ତି ଯେଉଁ ବ୍ୟକ୍ତିର ଏଭଳି ଅବସ୍ଥାରେ ବିୟୋଗ ହେବ ଅଲ୍ଲାଃ ତାଲାଙ୍କ ସହିତ କୌଣସି ବ୍ୟକ୍ତିକୁ ବି ସେ ସାମିଲ ବା ସମକକ୍ଷ କରୁନଥିବ ତେବେ ସେ ନିଶ୍ଚିତରୂପେ ବୈକୁଣ୍ଠବାସୀ ହେବ ।

ଏକ ବର୍ଣ୍ଣନାରେ ବର୍ଣ୍ଣିତ ରହିଛି ଯେତେବେଳେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅଙ୍କ ବିୟୋଗ ସମୟ ପାଖେଇ ଆସିଲା ସେତେବେଳେ ସେ କହିବାକୁ ଲାଗିଲେ ମୁଁ ତୁମମାନଙ୍କ ଠାରୁ ଗୋଟିଏ କଥା ଲୁଚେଇଥିଲି ଯାହାକୁ ମୁଁ ବର୍ତମାନ ପରିପ୍ରକାଶ କରୁଛି ଏବଂ ତାହା ମୁଁ ହଜୁର ସ:ଆ:ସଙ୍କଠାରୁ ଶୁଣିଛି । ହଜୁର ସ:ଆ:ସ କହିଲେ, ତୁମେମାନେ ଯଦି ପାପ ନ କରନ୍ତୁ ତାହେଲେ ଐଶ୍ୱର୍ଯ୍ୟମୟ ଓ କରୁଣା ମୟ ପ୍ରଭୁ ଏପରି ସମ୍ପ୍ରଦାୟ ସୃଷ୍ଟି କରିଦେବେ ଯେଉଁ ସମ୍ପ୍ରଦାୟ ପାପ କରିଥାନ୍ତା ଏବଂ ଅଲ୍ଲାଃ ତାଲା ସେମାନଙ୍କ ପାପ କରିବା ଯୋଗୁଁ ସେମାନଙ୍କୁ କ୍ଷମା ପ୍ରଦାନ କରିଦେଇଥାନ୍ତେ ଅର୍ଥାତ ଅଲ୍ଲାଃ ତାଲା ନିଜର ଐଶ୍ୱରିକ ଅନୁଦାନ କରୁଣାର ବିଶେଷଗୁଣକୁ ପରିପ୍ରକାଶ କରିଥାନ୍ତି ।

ମୁହମ୍ମଦ ନାମକ ଏକ ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ବଦର ଯୁଦ୍ଧରେ ସାମିଲ ଥିଲେ । ଯେତେବେଳେ ସେ ଅନ୍ୟ ଯୁଦ୍ଧରେ ସାମିଲ ହେଉଥିଲେ ସେତେବେଳେ ସେ ମୁସଲମାନମାନଙ୍କର କୌଣସି ଯୁଦ୍ଧରେ ସାମିଲ ହେବାକୁ ପଛାଇ ନଥିଲେ ଅର୍ଥାତ ଯେତେବେଳେ ଗୋଟିଏ ସମୟରେ ଦୁଇଟି ଭିନ୍ନ ଭିନ୍ନ ଯୁଦ୍ଧ ହେଉଥିଲା ସେତେବେଳେ ସେ କୌଣସି ନା କୌଣସି ଯୁଦ୍ଧରେ ନିଶ୍ଚୟ ସାମିଲ ହେଉଥିଲେ । ସେ କେବଳ ଗୋଟିଏ ବର୍ଷ ଯୁଦ୍ଧରେ ସାମିଲ ହୋଇନଥିଲେ କାରଣ ଉକ୍ତ ବର୍ଷ ଯୁଦ୍ଧରେ ଜଣେ ଯୁବକକୁ ସୈନ୍ୟଦଳର ସେନାପତି ରୂପେ ନିଯୁକ୍ତ କରାଯାଇଥିଲା ତେଣୁ ସେ ସେହି ବର୍ଷ ଯୁଦ୍ଧ ଲଢ଼ିପାରିନଥିଲେ । ସେହି ବର୍ଷ ପରେ ସେ ଅତ୍ୟଧିକ ଅନୁତପ୍ତ ଥିଲେ ଏବଂ କହୁଥିଲେ ମୋର କଣଯାଉଛି ଯେ ମୋ ଉପରେ କୌଣସି ଅଫିସରଙ୍କୁ ନିଯୁକ୍ତ କରାଗଲା ଅର୍ଥାତ ମୋର ସେହି କଥାକୁ କୌଣସି ଯାଆ ଆସ ନାହିଁ ଯେ ମୋ ଉପରେ କେଉଁ କର୍ମଚାରୀ ନିଯୁକ୍ତ କରାଗଲା । ଏହାକୁ ସେ ତିନିଥର ପୁନରାବୃତି କରିଥିଲେ । ଅର୍ଥାତ ଯେଉଁ ଯୁବକର ଅମୀରତ୍ୱ ଉକ୍ତ ବର୍ଣ୍ଣନାରେ ଆଲୋଚନା କରାଯାଇଛି ସେ ହେଉଛନ୍ତି ଅବ୍‌ଦୁଲ୍ଲ ମଲିକ୍ ବିନ୍ ମରୱାନ୍ । ବର୍ଣ୍ଣନାକାରୀ କୁହନ୍ତି ଏହାପରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ଅସୁସ୍ଥ ହୋଇପଡ଼ିଲେ । ସୈନ୍ୟଦଳର ସେନାପତି ୟଜିଦ୍ ବିନ୍ ମୁଆୱିୟା ଥିଲେ ସେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କୁ ପରିଦର୍ଶନ ନିମନ୍ତେ ଗଲେ ଏବଂ ତାଙ୍କୁ ପଚାରିଲେ ଆପଣଙ୍କୁ ଯଦି କୌଣସି ବସ୍ତୁର ଆବଶ୍ୟକତା ରହିଛି ତାହେଲେ ନିସଙ୍କୋଚ ଭାବରେ ଆପଣ କହିପାରନ୍ତି । ସେ କହିଲେ, ମୋର ଏହି ଆବଶ୍ୟକତା ରହିଛି ଯେ, ଯେତେବେଳେ ମୁଁ ମରିଯାଏ ସେତେବେଳେ ଆପଣମାନେ ମତେ ଆରୋହଣ କରି ଯଥା ସମ୍ଭବ ଶତ୍ରୁ ଦେଶକୁ ନେଇଯିବ ଯଦି ତାହା ସମ୍ଭବ ନ ହେଲା ତେବେ ସେଇଠି ମତେ ପୋତି ଦେବ ଏବଂ ସେଠାରୁ ଫେରି ଆସିବ । ଯେତେବେଳେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ମୃତ୍ୟୁ ଘଟିଲା ସେତେବେଳେ ସେ ତାଙ୍କୁ ଅଶ୍ୱ କିମ୍ବ ଓଟ ଉପରେ ଲଦି ଆରୋହଣ କରି ଶତ୍ରୁ ଦେଶକୁ ନେଇଗଲେ ଏବଂ ତାଙ୍କୁ ସେଠାରେ କବର ଦେଇ ଫେରିଆସିଲେ ।

ବର୍ଣ୍ଣନାକାରୀ କୁହନ୍ତି ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ କହୁଥିଲେ ଅଲ୍ଲାଃ ତାଲା କହିଛନ୍ତି: **ଇନ୍‌ଫିରୁ ଖିଫାଫନ୍ ୱ ସିକାଲନ୍ (ତୌବାଃ:୪୧)** ଅର୍ଥାତ ହେ ବିଶ୍ୱାସକାରୀମାନେ! ତୁମେମାନେ ନିରସ୍ତ୍ର ଥାଅ କି ଶସସ୍ତ୍ର ଥାଅ ଜେହାଦ୍ ଉଦ୍ଦେଶ୍ୟରେ ବାହାରିପଡ଼ ମୁଁ ଆପଣଙ୍କୁ ନିରସ୍ତ୍ର ଓ ସଶସ୍ତ୍ର ମଧ୍ୟ ପାଉଅଛି । ଏକ ବର୍ଣ୍ଣନାରେ ବର୍ଣ୍ଣିତ ରହିଛି ମକ୍କାବାସୀଙ୍କ ମଧ୍ୟରୁ ୟଜିଦ୍ ବିନ୍ ମୁଆୱିୟା ନାମକ ଏକ ବ୍ୟକ୍ତି ବର୍ଣ୍ଣନା କରନ୍ତି ଯେତେବେଳେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ନିକଟକୁ ମୁଁ ଆସିଲି ସେତେବେଳେ ସେ ମତେ କହିଲେ ଲୋକମାନଙ୍କୁ ମୋର ସଲାମ୍ ଜଣାଇଦେବ ସେମାନେ ମତେ ନେଇ ଚାଲନ୍ତୁ ଏବଂ ମତେ ଯେତେଦୂର ପର୍ଯ୍ୟନ୍ତ ନେଇପାରିବେ ନେଇ ଯାଆନ୍ତୁ ତେବେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ର:ଅ ଯାହା ୟଜିଦ୍‌ଙ୍କୁ କହିଥିଲେ ସେହି କଥାକୁ ସେ ଲୋକମାନଙ୍କୁ କହିଥିଲେ ଲୋକେମାନେ ତାଙ୍କ କଥାକୁ ସ୍ୱୀକାର କଲେ ଓ ତାଙ୍କର ଯନାଜାଃକୁ ଯେ ପର୍ଯ୍ୟନ୍ତ ସମ୍ଭବ ଥିଲା କାନ୍ଧରେ ବୋହି ନିଆ ଯାଇଥିଲା । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ରସୁଲୁଲ୍ଲାଃ ସ:ଆ:ସଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜେହାଦ୍ କରିଥିଲେ । ଏପରି କି ତାଙ୍କର ବିୟୋଗ କୁସ୍‌ତନ୍‌ତନିୟା ଠାରେ ହୋଇଥିଲା । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ୫୨ ହିଜ୍‌ରିରେ ୟଜିଦ୍ ବିନ୍ ମୁଆୱିୟା ନିଜର ପିତା ଅମିର ମୁଆୱିୟାର ଖିଲାଫତ୍‌ରେ କୁସ୍‌ତନ୍‌ତନିୟାର ଯୁଦ୍ଧ ଲଢ଼ିଥିଲେ । ସେହି ବର୍ଷ ହିଁ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ନିଧନ ହୋଇଥିଲା । ୟଜିଦ୍ ବିନ୍ ମୁଆୱିୟା ତାଙ୍କର ଯନାଜାଃ ପଢ଼ାଇଥିଲେ ତାଙ୍କର କବର ରୋମ୍‌ରେ କୁସ୍‌ତନ୍‌ତନିୟାର ଦୁର୍ଗ ନିକଟରେ ଅବସ୍ଥିତ । ବର୍ଣ୍ଣନାକାରୀ କୁହନ୍ତି ମୁଁ ଜାଣିବାକୁ ପାଇଲି ଯେ, ରୋମିବାସୀ ତାଙ୍କ କବରର ରକ୍ଷଣାବେକ୍ଷଣ କରୁଛନ୍ତି ଏବଂ ଦୁର୍ଭିକ୍ଷ ଭଳି ସମସ୍ୟା ଉପୁଜିଲେ ତାଙ୍କ କବର ନିକଟରେ ତାଙ୍କରି ଦ୍ୱାହି ଦେଇ ବର୍ଷା ଭିକ୍ଷା କରୁଛନ୍ତି । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୩୬୯-୩୭୦............ ବେରୁତ ୧୯୯୦) (ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୨୦୧.......... ବେରୁତ ୧୯୯୫) (ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ଖଣ୍ଡ-୭, ପୃ-୭୬୮....... ହଦିସ୍ ନଂ-୨୩୯୧୨.........ବେରୁତ ୧୯୯୮)*** ଯେପରି କି ପୂର୍ବେ ମୁଁ ଆଲୋଚନା କରି ଆସିଲି ଏବଂ ସେତେବେଳେ ପ୍ରଭୁ ତାଙ୍କ ଉପରେ ବର୍ଷା ଅବତୀର୍ଣ୍ଣ କରିଥାନ୍ତି ।

ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ମୁଆୱିୟାର ଶାସନକାଳରେ ୟଜିଦ୍‌ର ନେତୃତ୍ୱରେ ରୋମିୟ ଶାସନ ବିରୁଦ୍ଧରେ ଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ ଏବଂ କୁସ୍‌ତନ୍‌ତନିୟା ସହର ନିକଟରେ ୫୦ କିମ୍ବା ୫୧ ହିଜ୍‌ରୀରେ ମୃତ୍ୟୁ ବରଣ କରିଥିଲେ । ସେହିଠାରେ ହିଁ ତାଙ୍କୁ କବର ଦିଆଯାଇଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ୟଜିଦ୍ ଅଶ୍ୱାରୋହୀ ମାନଙ୍କୁ ଆଦେଶ

ଦେଇଥିଲେ ଯେ, ସେମାନେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ କବର ଆଗରେ ଓ ପଛରେ ଦଉଡୁ ଥିଲେ । ଫଳସ୍ୱରୁପ ତାଙ୍କର କବର ଚିହ୍ନ ଲିଭିଯାଇଥିଲା । ଏକ ବର୍ଣ୍ଣନା ଅନୁଯାୟୀ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଯେଉଁ ରାତ୍ରରେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କୁ କବର ଦିଆଯାଇଥିଲା ତା ପରବର୍ତୀ ଦିନ ରୋମୀମାନେ ମୁସଲମାନମାନଙ୍କୁ ପଚାରିଲେ ଯେ ତୁମେମାନେ ରାତିରେ କଣ କରୁଥିଲ ? ମୁସଲମାନମାନେ କହିଲେ ଆମେ ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ ଯେ କି, ନବୀ କରିମ୍ ସ:ଆ:ସଙ୍କ ବଡ଼ ସାହାବି ଥିଲେ ଏବଂ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ଦୃଷ୍ଟିକୋଣରୁ ସେ ସର୍ବ ପୁରାତନ ଥିଲେ, ତାଙ୍କୁ କବର ଦେଉଥିଲୁ । ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ଯଦି ତୁମେମାନେ ତାଙ୍କର କବର ଖୋଳିବାକୁ ଚେଷ୍ଟା କର ତାହେଲେ ଯେ ପର୍ଯ୍ୟନ୍ତ ଆମ ହାତରେ ଶାସନ ରହିଛି ସେ ପର୍ଯ୍ୟନ୍ତ ଆରବ ଭୁମିରେ ତୁମକୁ ତୁମର ଶଙ୍ଖର ଧ୍ୱନି ଶୁଭିବ ନାହିଁ । ମୁଜାହିଦ୍ କୁହନ୍ତି ଯେ ଯେତେବେଳେ ତାଙ୍କ ଦେଶରେ ଦୁର୍ଭିକ୍ଷ ପଡୁଥିଲା ସେତେବେଳେ ଆମେ ତାଙ୍କ କବରରୁ ଅଳ୍ପ ମାଟି ନେଇ ଆସୁଥିଲୁ ଏବଂ ଏହା ପରେ ବର୍ଷା ହେଉଥିଲା । ***(ଉସଦୁଲ୍ ଗାବାଃ........ ଖଣ୍ଡ-୬, ପୃ-୨୩.......... ବେରୁତ ଲେବ୍‌ନାନ୍ ୨୦୦୩)***

ଏହି ବର୍ଣ୍ଣନାଟି ସେଠାରେ ମଧ୍ୟ ଅଭ୍ୟାହତ ରହିଛି ଓ ଉକ୍ତ ବର୍ଣ୍ଣନାଟି କେତେ ଦୂର ପର୍ଯ୍ୟନ୍ତ ସଠିକ୍ ତାହା ଅଲ୍ଲାଃ ତାଲା ହିଁ ଜାଣନ୍ତି । ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀ ୫୦ କିମ୍ବା ୫୧ ହିଜ୍‌ରୀରେ କୁସ୍‌ତନ୍‌ତନିୟା ଯୁଦ୍ଧରେ ମୃତ୍ୟୁବରଣ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ତାଙ୍କର ନିଧନ ୫୨ ହିଜ୍‌ରୀରେ ହୋଇଥିଲା । ***(ଅଲ୍‌ଅସାବାଃ....... ଖଣ୍ଡ-୨, ପୃ-୨୦୧.......... ବେରୁତ ୧୯୯୫)***

ହଜ୍‌ରତ୍ ଅବୁ ଅୟୁବ ଅନ୍‌ସାରୀଙ୍କ କବର ତୁର୍କୀ ସହରର ଇସ୍ତାନବୁଲ୍‌ଠାରେ ଅବସ୍ଥିତ । କବରଟି ଏକ ଚର୍ତୁଭୁଜା ଆକାରର ମଂଚରେ ଆବଦ୍ଧ ଥିଲା ଯାହାକୁ ପିତଳର ଜାଲି କବାଟ ଦ୍ୱାରା ଆବଦ୍ଧ କରାଯାଇଥିଲା । ତୁର୍କୀର ଅନେକ ଲୋକ ହୃଦୟକୁ ଶାନ୍ତି ଦେବାପାଇଁ ଏଠାରେ ସେମାନେ ଉପସ୍ଥିତ ହେଉଥିଲେ । ***(ତବରୁକାତେ ସାହାବାଃ...... କରାଚି ୨୦୧୧)***

ବର୍ତମାନ ବଦ୍‌ରୀ ସାହାବାଙ୍କ ଚର୍ଚ୍ଚା ଏଠାରେ ସମାପ୍ତ ହେଲା କିନ୍ତୁ ଆସନ୍ତାରେ ଇନ୍‌ଶାଅଲ୍ଲାଃ ତାଲା ଚାରିଜଣ ଖଲିଫାଙ୍କ ଚର୍ଚ୍ଚା କରିବି ପ୍ରଥମେ ସେମାନଙ୍କର ସଂକ୍ଷିପ୍ତ ଆଲୋଚନ ହୋଇସାରିଛି କିନ୍ତୁ ବର୍ତମାନ ଇନ୍‌ଶାଅଲ୍ଲାଃ ଏମାନଙ୍କ ବିସ୍ତୃତ ବ୍ୟାଖ୍ୟା କରିବି । ସେହିପରି ପ୍ରାରମ୍ଭରେ କେତେକ ସାହାବାଙ୍କ ସଂକ୍ଷିପ୍ତ ଚର୍ଚ୍ଚା ହୋଇଥିଲା ଯଦି ସେ ସଂକ୍ରାନ୍ତରେ ଆଉ କିଛି ଅଧିକ ତଥ୍ୟ ଉପଲବ୍ଧ ହେଲା ତାହେଲେ ତାହା ମଧ୍ୟ ମୁଁ ଆସନ୍ତାରେ ବର୍ଣ୍ଣନା କରିଦେବି । ଯେତେବେଳେ ଏମାନଙ୍କ ବିଷୟରେ ଲେଖାଯିବ ସେତେବେଳେ ଏହି ସାହାବଙ୍କ ସଂପର୍କିତ ଅଂଶ ମଧ୍ୟ ବିଷୟ ପରିସରଭୁକ୍ତ ହୋଇଯିବ । ତେଣୁ ସେହି ସାହାବାମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ସାହାବାମାନେ ହିଁ ଥିଲେ ଯେଉଁମାନଙ୍କର ଚର୍ଚ୍ଚା ହେବ ।

ବର୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ବିଗତ ଦିନରେ ବିୟୋଗ ହୋଇଛି । ନମାଜ ଜୁମା ପରେ ମୁଁ ସେମାନଙ୍କର ନମାଜ ଯନାଜାଃ ଗାଏବ ପଢ଼ାଇବି । ପ୍ରଥମ ହେଉଛନ୍ତି ସମ୍ମାନୀୟ ସ୍ୱର୍ଗତ ଅବ୍‌ଦୁଲ୍ ହଇ ମଣ୍ଡଲ ସାହେବ ମୁଅଲ୍ଲିମ୍ ସିଲ୍‌ସିଲା ଇଣ୍ଡିଆର । ୨୦୨୦ ମସିହା ସେପ୍ଟେମ୍ବର ମାସ ୨୫ ତାରିଖ ଦିନ ସେ ହୃଦଘାତ ଯୋଗୁଁ ୫୩ ବର୍ଷ ବୟସରେ ଏହି ଇହଧାମ ତ୍ୟାଗ କରିଥିଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତ ଅବ୍‌ଦୁଲ୍ ହଇ ମଣ୍ଡଲ ସାହେବ ୯୯ ମସିହାରେ ସ୍ୱୟମ ଅନୁସନ୍ଧାନ କରି ଗବେଷଣା କରି ଯମାତ୍ ଅହେମଦୀୟାରେ ସାମିଲ ହୋଇଥିଲେ । ୨୦୦୩ ମସିହାରେ ଜାମେତୁଲ୍ ମୁବ୍‌ଶିରିନ୍‌ରୁ ଶିକ୍ଷା ସମାପ୍ତ କରି ନିଜର ଅନ୍ତିମ ସମୟ ପର୍ଯ୍ୟନ୍ତ ଅଦମ୍ୟ ପରିଶ୍ରମ ଓ ନିଷ୍ଠାର ସହିତ ଯମାତ୍‌ର ସେବା ସମ୍ପାଦନ କରିଥିଲେ । ଏହି ଦୃଷ୍ଟିରୁ ସ୍ୱର୍ଗତଙ୍କ ସେବା କରିବାର ଅବଦ୍ଧି ହେଉଛି ୧୭ ବର୍ଷ । ସ୍ୱର୍ଗତ ଅବ୍‌ଦୁଲ୍ ହଇ ମଣ୍ଡଲ ସାହେବ ଅତ୍ୟନ୍ତ ନିଷ୍ଠାବାନ, ଧାମିକ, ଆଜ୍ଞାନୁବର୍ତିତ, ନିୟମିତ ଭାବରେ ନମାଜ ପାଠକାରୀ, ଯମାତ୍‌ର ସଚ୍ଚୋଟ ସେବକ ଓ ମୁଅଲ୍ଲିମ ଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କର ପତ୍ନୀ ଓ ଦୁଇ ପୁଅ ଓ ଦୁଇ ଝିଅ ରହିଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ତାଙ୍କ ସନ୍ତାନମାନଙ୍କୁ ମଧ୍ୟ ଆତ୍ମଶାନ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନୀୟ ସିରାଜୁଲ୍ ଇସ୍‌ଲାମ୍ ମୁଅଲ୍ଲିମ ସାହେବଙ୍କର । ସେ ପଶ୍ଚିମବଙ୍ଗ ରାଜ୍ୟର ମୁର୍ସିଦାବାଦ ଜିଲ୍ଲାର ମୁଅଲ୍ଲିମ ଥିଲେ । ସିରାଜୁଲ୍ ଇସ୍‌ଲାମ୍ ମୁଅଲ୍ଲିମ ସାହେବ ୨୦୨୦ ମସିହା ଜୁନ୍ ମାସ ୧୪ ତାରିଖ ଦିନ ୬୦ ବର୍ଷ ବୟସରେ ଅଲ୍ଲାଃ ତାଲାଙ୍କ ଧାର୍ଯ୍ୟ ବିଧାନ ଅନୁଯାୟୀ ଦେହତ୍ୟାଗ କରିଥିଲେ, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତ ମୁଅଲ୍ଲିମ୍ ସାହେବ୍ ୨୦୦୨ ମସିହାରେ ଜାମେତୁଲ୍ ମୁବସରିନ୍ କାଦିୟାନ୍‌ରେ ଛଅମାସ ପ୍ରଶିକ୍ଷଣ ପ୍ରାପ୍ତ କରିବାପରେ ଅସ୍ଥାୟୀ ଭାବରେ କର୍ମଚାରୀ ରୂପେ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ମୁଅଲ୍ଲିମ୍ ସାହେବଙ୍କର ସେବା ଅବଦ୍ଧି ୧୮ ବର୍ଷ ଅଟେ । ସିରାଜୁଲ୍ ଇସ୍‌ଲାମ୍ ମୁଅଲ୍ଲିମ ସାହେବ ଅତ୍ୟନ୍ତ ନୈଷ୍ଠିକ, ଧାର୍ମିକ, ଆଜ୍ଞାନୁବର୍ତି, ନିୟମିତଭାବରେ ନମାଜପାଠକାରୀ, ସିଲ୍‌ସିଲା ସହିତ ପ୍ରେମ ସମ୍ପର୍କ ରଖିଥିବା ପରିଶ୍ରମି ମୁଅଲ୍ଲିମ ଥିଲେ । ସ୍ୱର୍ଗତ ସିରାଜୁଲ୍ ଇସ୍‌ଲାମ୍ ମୁଅଲ୍ଲିମ ସାହେବଙ୍କ ପତ୍ନୀଙ୍କ ବ୍ୟତିତ ତାଙ୍କର ତିନିଜଣ ପୁତ୍ରୀ ରହିଛନ୍ତି । ସ୍ୱର୍ଗତ ସିରାଜୁଲ୍ ଇସ୍‌ଲାମ୍ ମୁଅଲ୍ଲିମ ସାହେବଙ୍କ ଦୁଇପୁତ୍ରୀଙ୍କର ବିବାହ ହୋଇସାରିଛି, ତୃତୀୟ ପୁତ୍ରୀ ଅଧ୍ୟୟନରତ ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କ ପରିଜନଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଓ ତାଙ୍କର ପୂଣ୍ୟକାର୍ଯ୍ୟଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ

ତୃତୀୟ ଯନାଜାଃ ହେଉଛି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନାତି ଅର୍ଥାତ ଝିଅଙ୍କ ପୁଅ ଏବଂ ହଜ୍‌ରତ୍ ନଓ୍ୱାବ୍ ମୁହମ୍ମଦ ଅଲୀ ସାହେବଙ୍କ ନାତି ଅର୍ଥାତ ପୁଅର ପୁଅ । ହଜ୍‌ରତ୍ ନବାବ୍ ଅମ୍‌ତୁଲ୍ ହଫିଜ୍ ବେଗମ୍ ସାହିବାଙ୍କର ଓ ହଜ୍‌ରତ୍ ନଓ୍ୱାବ୍ ଅବ୍‌ଦୁଲ୍ଲାଃ ଖାନ୍ ସାହେବଙ୍କର ପୁତ୍ର ସମ୍ମାନୀୟ ଶାହିଦ୍ ଅହ୍‌ମଦ୍ ଖାନ୍ ପାଶା ସାହେବଙ୍କର । ସ୍ୱର୍ଗତ ଶାହିଦ୍ ଅହ୍‌ମଦ୍ ଖାନ୍ ପାଶା ସାହେବ ଅକ୍ଟୋବର ମାସ ୨୬ ତାରିଖ ଦିନ ୮୫ ବର୍ଷ ବୟସରେ ଚିକିତ୍ସାଳୟରେ ମୃତ୍ୟୁବରଣ କରିଥିଲେ *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ଅଲ୍ଲାଃ ତାଲାଙ୍କ କୃପାରୁ ସେ ମୁସି ଥିଲେ । ସେ ଦୁଇଟି ବିବାହ କରିଥିଲେ ପ୍ରଥମ ବିବାହ ସମ୍ମାନୀୟ ଅମ୍‌ତୁଲ୍ ଶକୁର୍ ସାହେବଙ୍କ ସହିତ ୧୯୬୨ ମସିହାରେ ହୋଇଥିଲା ଯିଏ କି ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅଙ୍କ ସୁପୁତ୍ରୀ ଥିଲେ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ନଥିବା ଯୋଗୁଁ ସ୍ୱର୍ଗତ ଶାହିଦ୍ ଅହ୍‌ମଦ୍ ଖାନ୍ ପାଶା ସାହେବଙ୍କ ନିକାହ୍ ମୌଲାନା ଜଲାଲୁଦ୍ଦିନ୍ ସାହେବ ଶମସ୍ ପଢ଼ାଇଥିଲେ । ପ୍ରଥମ ପତ୍ନୀଙ୍କଠାରୁ ସ୍ୱର୍ଗତ ଶାହିଦ୍ ଅହ୍‌ମଦ୍ ଖାନ୍ ପାଶା ସାହେବଙ୍କର ୫ ଜଣ ସନ୍ତାନ ଅଛନ୍ତି ସେମାନଙ୍କ ମଧ୍ୟରେ ଦୁଇଜଣ ପୁତ୍ର ଓ ତିନିଜଣ ପୁତ୍ରୀ ରହିଛନ୍ତି । ସ୍ୱର୍ଗତ ଶାହିଦ୍ ଅହ୍‌ମଦ୍ ଖାନ୍ ପାଶା ସାହେବଙ୍କ ଦ୍ୱିତୀୟ ବିବାହ ୧୯୭୭ ମସିହାରେ ସମିନା ସଇଦ୍ ସାହେବ୍ ବିନ୍‌ତେ ସ୍ୱର୍ଗତ ସଇଦ୍ ସାହେବଙ୍କ ସହିତ ହୋଇଥିଲା । ଦ୍ୱିତୀୟ ବିବାହରୁ ମଧ୍ୟ ତାଙ୍କୁ ଗୋଟିଏ ପୁତ୍ର ସନ୍ତାନ ଲାଭ ହୋଇଥିଲା । ଆଜିକାଲି ସେ ଆମେରିକାରେ ରହୁଛନ୍ତି । ଯମାତ୍‌ରେ ତାଙ୍କର କୌଣସି ନିୟମିତ ସେବା ତ ନଥିଲା କିନ୍ତୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅଙ୍କ ସହିତ ତାଙ୍କର ବିଦେଶ ଯାତ୍ରାରେ ତାଙ୍କ ସହିତ ରହିବାର ସୌଭାଗ୍ୟ ଅର୍ଜନ ଥିଲା । ସେହିପରି ତାଙ୍କର ଦ୍ୱିତୀୟ ବିଶେଷଗୁଣ ତାଙ୍କର ପତ୍ନୀ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସେ ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ଅନାଥମାନଙ୍କର ଗରିବ ଶ୍ରେଣୀ ଲୋକମାନଙ୍କୁ ମୁକ୍ତ ହସ୍ତରେ ଅର୍ଥ ପ୍ରଦାନ କରିବା ଏବଂ ସେମାନଙ୍କ ନିମନ୍ତେ ରହିବାର ବ୍ୟବସ୍ଥା କରିବା ଓ ନିୟମିତ ରୂପେ ଗରିବମାନଙ୍କ ସାହାଯ୍ୟ ସେ କରୁଥିଲେ ଆଦି ସୁଗୁଣର ସେ ଅଧିକାରି ଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ଯମାତ୍ ଓ ଖିଲାଫତ ସହିତ ଜଡ଼ିତ ରଖନ୍ତୁ । ଆମିନ୍.....

ଚତୁର୍ଥ ଯନାଜାଃ ହେଉଛି ୟୁ.କେ ସେଫଲଟ୍‌ର ସମ୍ମାନୀୟ ସ୍ୱର୍ଗତ ସୟଦ ମସ୍‌ଉଦ୍ ଅହ୍‌ମଦ୍ ଶାହା ସାହେବଙ୍କର ଯାହାଙ୍କର ସେପ୍ଟେମ୍ବର ମାସ ୮ ତାରିଖ ଦିନ ହୃଦଘାତ ଯୋଗୁଁ ନିଧନ ଘଟିଛି, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ତାଙ୍କ ବଂଶରେ ଅହେମଦୀୟତ ତାଙ୍କର ପିତା ହଜ୍‌ତର୍ ସୟଦ୍ ନାଜିମ୍ ହୁସୈନ୍ ସାହେବଙ୍କ ମାଧ୍ୟମରେ ଆସିଥିଲା ଯିଏ କି ୧୯୦୨ ମସିହାରେ ୨୦ ବର୍ଷ ବୟସରେ କାଦିୟାନ୍ ଯାଇ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ହସ୍ତରେ ବୟତ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସୟଦ ମସ୍‌ଉଦ୍ ଅହ୍‌ମଦ୍ ସାହେବ ୧୯୬୨ ମସିହାରେ ୟୁକେ ଆସିବାପରେ ସ୍ଥାୟୀ ଭାବରେ ସେଫ୍‌ଲଟ୍‌ରେ ଅବସ୍ଥାନ କରିଥିଲେ । ସେଫ୍‌ଲଟ୍‌ରେ ଯମାତ୍ ସ୍ଥାପିତ ହେବାପରେ ତାଙ୍କର ନିବାସ ସ୍ଥାନକୁ ନମାଜ ସେଂଟର କରାଯାଇଥିଲା । ୧୯୭୦ ମସିହା ପର୍ଯ୍ୟନ୍ତ ସେ ହିଁ ଅଧ୍ୟକ୍ଷ ରୂପେ ଦାୟିତ୍ୱ ତୁଲାଇଥିଲେ । ଏହାପରେ ୧୯୯୭ ମସିହାରୁ ଶେଷ ନିସ୍ୱାଶ ପର୍ଯ୍ୟନ୍ତ ସେକ୍ରଟାରି ଜିୟାଫତ୍ ଭାବରେ ସେ ସେବା ସମ୍ପାଦନ କରିଥିଲେ । ସ୍ୱର୍ଗତ ସୟଦ ମସ୍‌ଉଦ୍ ଅହ୍‌ମଦ୍ ସାହେବ ପ୍ରସନ୍ନଚିତ, ଅତିଥିପ୍ରୀୟ, ଉତମ ବ୍ୟକ୍ତି, ସେବା ମନୋଭାବ ରଖି ଗରିବମାନଙ୍କ ସହ ସହାନୁଭୂତି ପ୍ରଦର୍ଶନ କରିବା, ବିଶ୍ୱସ୍ତତା ପ୍ରଦର୍ଶନ କରିବା, ଖିଲାଫତ୍ ସହିତ ଘନିଷ୍ଠ ସମ୍ପର୍କ ରଖିବା ବ୍ୟକ୍ତି ଥିଲେ । ତାଙ୍କର ସୁପୁତ୍ରୀ ଡ଼ାକ୍ତର ଆଇଶା ସାହେବା କୁହନ୍ତି, ଆମ ପିତା ଆମମାନଙ୍କୁ ସର୍ବଦା ଯମାତ୍ ଓ ଖିଲାଫତ ସହିତ ଜଡ଼ିତ ରହିବାପାଇଁ ଚେଷ୍ଟା କରୁଥିଲେ ଏବଂ ପ୍ରତ୍ୟେକ ଛଅ ମାସରେ ହଜ୍‌ରତ ଖଲିଫତୁଲ୍ ମସିହଙ୍କୁ ସାକ୍ଷାତ କରିବାପାଇଁ ପ୍ରବର୍ତାଉ ଥିଲେ । ଅଲ୍ଲାଃ ତାଲା ତାଙ୍କର ସୁପତ୍ରୀ ଓ ତାଙ୍କର ପତ୍ନୀଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ । ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମ ଗୁଡ଼ିକୁ ଅଭ୍ୟାହତ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ । ଆମିନ୍.............

⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

# : ଖୁତ୍‌ବା ଜୁମା :

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମହାନ ବଦ୍‌ରି ସାହାବା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍
ଏବଂ ହଜ୍‌ରତ୍ ସମାକ ବିନ୍ ଖରଶା (ଅବୁ ହୁଜାନାଃ) ର:ଅଙ୍କ ସୁଗୁଣର ଚର୍ଚ୍ଚା ।

---

ଚାରିଜଣ ମୃତକ ଶ୍ରୀମାନ୍ ମହ୍‌ମୁଦ୍ ଖାନ୍ ସାହେବ୍ (ଶହୀଦ୍) ପେଶାଓ୍ୱର ପାକିସ୍ତାନ ଶ୍ରୀମାନ୍ ଫଖର୍ ଅହ୍‌ମଦ୍ ଫରଖ୍ ସାହେବ ମୁରବୀ ସିଲ୍‌ସିଲା ପାକିସ୍ତାନ ଓ ତାଙ୍କ ସୁପୁତ୍ର ଅଜିଜମ୍ ଏହ୍‌ତେଶାମ୍ ଅହମଦ୍ ଅବ୍‌ଦୁଲ୍ଲାଃ ଏବଂ ଶ୍ରୀମାନ୍ ଡ଼ାକ୍ତର ଅବ୍‌ଦୁଲ୍ କରିମ୍ ସାହେବ୍ ଇକୋନୋମିକ୍ ଆଡ଼ଭାଇଜର ଷ୍ଟେଟ୍ ବ୍ୟାଙ୍କ ଅଫ୍ ପାକିସ୍ତାନଙ୍କ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍ତ: ୧୩ ନଭେମ୍ବର ୨୦୨୦ ଅନୁଯାୟୀ ୧୩ ନବୁଓ୍ୱତ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ବଦ୍‌ରି ସାହାବିଙ୍କ ଚର୍ଚ୍ଚାରେ ସର୍ବପ୍ରଥମେ ମୁଁ ଏକ ସ୍ୱଷ୍ଟିକରଣ କରିବାକୁ ଚାହେଁ ଯେ ଦୁଇ ଖୁତ୍‌ବା ପୂର୍ବରୁ ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅଙ୍କ ଜୀବନୀ ଚର୍ଚ୍ଚା କରୁଥିଲି ସେଥିରେ ମୁସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍‌ର ଏକ ବର୍ଣ୍ଣନା ଯାହାକି ପ୍ଲେଗ ରୋଗ ସଂକ୍ରାନ୍ତରେ ଆଲୋଚନା କରିଥିଲି ଯେ ହଜୁର ସ:ଆ:ସ କହିଲେ, ଖୁବ୍ ନିକଟରେ ତୁମେ ସିରିୟା ଆଡ଼କୁ ପ୍ରବାଶ କରିବ ଏବଂ ସେହି ଦେଶ ତୁମ ହସ୍ତରେ ବିଜୟ ହେବ କିନ୍ତୁ ସେଠାରେ ତୁମେ ବଠର ଏକ ରୋଗରେ ଆକ୍ରାନ୍ତ ହେବ ଯାହାକି ମନୁଷ୍ୟର ଶରୀରର ନିମ୍ନଭାଗକୁ ଆକ୍ରାନ୍ତ କରିବ । ଏହି ଅନୁବାଦ ନିର୍ଭୁଲ ଭାବରେ ହୋଇପାରିନଥିବାରୁ ଏକଥା ମୁଁ ସ୍ୱଷ୍ଟ କରିଦେବାକୁ ଚାହେଁ କି ତାହାର ସଠିକ୍ ଅନୁବାଦ ଏପରି ଅଟେ ।

ଇସ୍‌ମାଇଲ୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି କି ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅ କୁହନ୍ତି ମୁଁ ହଜୁର ସ:ଆ:ସଙ୍କୁ ଏକଥା କହୁଥିବାର ଶୁଣିଲି ଯେ ତୁମେ ସିରିୟା ଆଡ଼କୁ ହିଜ୍‌ରତ୍ କରିବ ଏବଂ ସେହି ଦେଶ ତୁମ ହସ୍ତରେ ବିଜୟ ହେବ କିନ୍ତୁ ସେଠାରେ ତୁମ ଏକପ୍ରକାର ରୋଗରେ ଆକ୍ରାନ୍ତ ହୋଇଯିବ ଯାହାକି ବଥ, ଅବା ଭିଷଣ ଯକ୍ଷ୍ମ କଲାପରି ରୋଗ ହେବ ଯାହାକି ମନୁଷ୍ୟର ନାଭିର ନିମ୍ନଭାଗରେ ବାହାରିବ ବର୍ତମାନ ଏହା ଆଲୋଚନା ଯୋଗ୍ୟ ଯେ ଏହି ଅନୁବାଦ କି ଶରୀର ନିମ୍ନଭାଗରୁ ବ୍ୟାଧିର ପାଦୁର୍ଭାବ ହେବ ଭୁଲ୍ କରାଯାଇଥିଲା ବାସ୍ତବ ପକ୍ଷେ ତାହା ଯେପରି କି ମୁଁ କହିଲି କି ମନୁଷ୍ୟର ନାଭିର ନିମ୍ନଭାଗରେ ବାହାରିବ ଅର୍ଥାତ ଗୋଡ଼ ଉପରୁ ଶରୀରର ମଧ୍ୟଭାଗ ଏହି ରୋଗରେ ଆକ୍ରାନ୍ତ ହେବ । ଆପଣ କହିଲେ ଏତଦ୍‌ଦ୍ୱାରା ପ୍ରଭୁ ଲୋକମାନଙ୍କୁ ଶହୀଦ ହେବାର ଅବସର ପ୍ରଦାନ କରିବେ ଏବଂ ସେମାନଙ୍କ ଅମଳକୁ ପବିତ୍ର କରିବେ ସେଥିଅନ୍ତେ ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅ ଦୁଆ କଲେ ହେ ପ୍ରଭୁ ଯଦି ତୁମେ ଜାଣ ଯେ ଏକଥା ମୁଁ ହଜୁର ସ:ଆ:ସଙ୍କ ତୁଣ୍ଡରୁ ଶୁଣିଛି ତେଣୁ ମୋ ପରିବାର ବର୍ଗଙ୍କୁ ଏହାର ପ୍ରତିଫଳର ବଡ଼ ଅଂଶ ପ୍ରଦାନ କର । ଏତଦ୍ ଦ୍ୱାରା ସେ ସମସ୍ତଙ୍କୁ ପ୍ଲେଗ ରୋଗ ହୋଇଯାଇଥିଲା ଅର୍ଥାତ ତାଙ୍କ ପରିବାରବର୍ଗଙ୍କ ସମସ୍ତ ସଦସ୍ୟଙ୍କୁ ଏହି ରୋଗ ଆକ୍ରାନ୍ତ କରିଥିଲା । ଏପରି କି ସେମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ସେଥିରୁ ଜୀବିତ ବର୍ତି ନଥିଲେ । ଆପଣଙ୍କ ସାହାଦତ୍‌ର ଆଙ୍ଗୁଳିରେ ପ୍ଲେଗ୍‌ର ବଥ ବାହାରିଥିଲା । ଏଥିରେ ସେ କହିଲେ ମୁଁ କଦାପି ପ୍ରସନ୍ନିତ ହେବିନାହିଁ ଯେ ମତେ ଏହି ରୋଗ ପ୍ରତିବଦଳରେ ମତେ ଏକ ଲାଲି ଓଟ ମିଳୁ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍, ଖଣ୍ଡ-୭, ପୃ-୩୭୧...... ହଦିସ୍-୨୨୪୩୯..... ବେରୁତ)***

ତେବେ ଏହି ସୁଦ୍ଧିକରଣ ଥିଲା ଯାହାକି ପୂର୍ବ ତ୍ରୁଟିର ମୁଁ ଆଲୋଚନା କରିବାକୁ ଚାହୁଁଥିଲି । ଯଦିଚ ଅଲ୍‌ଫଜଲ୍‌ରେ ସେହି ତ୍ରୁଟି ସହ ତାହା ପ୍ରକାଶିତ ହୋଇସାରିଛି ତଥାପି ମୁଁ ଏଠାରେ ଆଲୋଚନା କରିଦେଲି ଆପଣମାନଙ୍କ ସମ୍ମୁଖରେ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ବର୍ତମାନ ତାଙ୍କ ଜୀବନୀର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେ, ଓ୍ୱହଦ୍ ଯୁଦ୍ଧ ଦିନ ମୋର ପିତା ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଏହି ଅବସ୍ଥାରେ ଅଣାଗଲେ ଯେ, ତାଙ୍କ ମୂଖମଣ୍ଡଳର ଅଙ୍ଗପ୍ରତ୍ୟେଙ୍ଗଙ୍କୁ ବିକୃତ କରିଦିଆଯାଇଥିଲା । ବିଶେଷକରି ତାଙ୍କର କାନ ଓ ନାକକୁ ବିକୃତ କରିଦିଆଯାଇଥିଲା ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ପାର୍ଥିବ ଶରୀରକୁ ହଜୁର ସ:ଆ:ସଙ୍କ ସମ୍ମୁଖରେ ରଖାଗଲା ସେତେବେଳେ ମୁଁ ତାଙ୍କର କପଡ଼ା ଉଠାଇବାକୁ ଚେଷ୍ଟା କଲି ତ ଲୋକମାନେ ମତେ ଏପରି କରିବାକୁ ବାରଣ କଲେ ଏହାପରେ ଲୋକମାନେ ଏକ ମହିଳାର ଚିତ୍କାର ଶୁଣିଲେ ତେବେ କୌଣସି ଏକ ଲୋକ କହିଲା ସେ ହେଉଛନ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ସୁପୁତ୍ରୀ ଯାହାଙ୍କ ନାମ ହଜ୍‌ରତ୍ ଫାତିମା ବିନ୍‌ତେ ଉମ୍‌ରୋ । ଅନ୍ୟ ଏକ ବର୍ଣ୍ଣନାରେ ଏହା କୁହାଯାଇଛି ଯେ, ସେହି ଚିତ୍କାର ଶବ୍ଦଟି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ଭଉଣୀଙ୍କର ଥିଲା । ପ୍ରତିଉତରରେ ହଜୁର ସ:ଆ:ସ କହିଲେ କାନ୍ଦ ନାହିଁ ଝିଅ କାରଣ ଈଶ୍ୱର ଦୁତ ଅର୍ଥାତ ଦେବଦୂତମାନେ ଅହରହ ଉକ୍ତ ମୃତ୍ୟୁବ୍ୟକ୍ତି ଉପରେ ନିଜ ଡ଼େଣାର ପର ଜରିଆରେ  ଛାଇ କରି ଢ଼ାଙ୍କି ରହିଛନ୍ତି ।

***(ଅଲ୍‌ଇସ୍‌ତିୟାବ୍, ଖଣ୍ଡ-୩, ପୃ-୯୫୪-୯୫୫....... ବେରୁତ ୧୯୯୨)***

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ କୁହନ୍ତି ମୋ ପିତାଙ୍କୁ ଯେତେବେଳେ ଓ୍ୱହଦ୍ ଯୁଦ୍ଧ ପରେ ଅଣାଗଲା ତାଙ୍କୁ ଦେଖି ମୋ ଫୁଫୁ ରୋଦନ କଲେ ତାଙ୍କୁ ଦେଖି ମୁଁ ମଧ୍ୟ ରୋଦନ କରିବା ଆରମ୍ଭ କଲି । ମତେ ଏପରି ନ କରିବାକୁ ବାରଣ କଲେ ଲୋକମାନେ କିନ୍ତୁ ହଜୁର ସ:ଆ:ସ ମତେ ମନାକଲେ ନାହିଁ । ପୁନଶ୍ଚ ହଜୁର ମଧ୍ୟ କହିଲେ ତୁମେ ତାଙ୍କ ଉପରେ କ୍ରନ୍ଦନ କରନାହିଁ । ପ୍ରଭୁଙ୍କ ଦେବଦୂତମାନେ ତାଙ୍କ ଉପରେ ନିଜ ପର ଦ୍ୱାରା ଆବୃତି କରି ରଖିଥିଲେ ଯେପର୍ଯ୍ୟନ୍ତ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଯାଇନାହିଁ ।

***(ଅଲ୍‌ଇସ୍‌ତିୟାବ୍, ଖଣ୍ଡ-୩, ପୃ-୯୫୬....... ବେରୁତ ୧୯୯୨)***

ଓ୍ୱହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ସାହାବାଙ୍କ ସମ୍ପର୍କରେ ଅନେକ ମତାମତ ରହିଛି । ସହି ବୁଖାରୀର ବର୍ଣ୍ଣନାରେ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ  ର:ଅଙ୍କୁ ନା ସ୍ନାନ ଦିଆଯାଇଥିଲା ନା ହିଁ ତାଙ୍କର ନମାଜ ଯନାଜାଃ ପଢ଼ାଯାଇଥିଲା । ସହି ବୁଖାରୀର ଅନ୍ୟ ଏକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ହଜୁର ସ:ଆ:ସ ଓ୍ୱହଦ୍ ଯୁଦ୍ଧର ବୀରଗତି ପ୍ରାପ୍ତକାରୀଙ୍କ ନମାଜ ଯନାଜାଃ ଦୀର୍ଘ ଆଠ ବର୍ଷ ପରେ ପଢ଼ାଇଥିଲେ । ***(ସହି ବୁଖାରୀ କିତାବୁଲ୍ ଯନାଇଜ୍........ ହଦିସ୍ ନଂ-୧୩୪୪)***

ସନନ୍ ଇବ୍‌ନେ ମାଜାରେ ଉଲ୍ଲେଖ ରହିଛି ଯେ ହଜୁର ସ:ଆ:ସ ଦଶ ଦଶଜଣ ବୀରଗତି ପ୍ରାପ୍ତ କାରୀଙ୍କ ନମାଜ ଯନାଜାଃ ପଢୁଥିଲେ ଏବଂ ହଜ୍‌ରତ୍ ହମ୍‌ଜାଙ୍କ ପାର୍ଥୀବ ଶରିରର ହଜୁର ସ:ଆ:ସଙ୍କ ପାଖରେ ହିଁ ଉପସ୍ଥିତ ରହିଥିଲା ।ଏହାର ଅପରପକ୍ଷରେ ଅନ୍ୟ ବୀରଗତି ପ୍ରାପ୍ତିକାରୀଙ୍କ ପାର୍ଥୀବ ଶରୀରକୁ ଅଣାଯାଇ ହଜ୍‌ରତ୍ ହମ୍‌ଜାଙ୍କ ପାର୍ଥୀବ ଶରୀର ସହ ସେମାନଙ୍କର ନମାଜ ଯନାଜାଃ ପାଠ କରାଯାଉଥିଲା ଏବଂ ହଜ୍‌ତର୍ ହମ୍‌ଜାଙ୍କ ଯନାଜାଃ ରଖାଯାଇ ଅନ୍ୟ ଶବଗୁଡ଼ିକୁ ନିଆଯାଉଥିଲା ଓ ସେହି ସ୍ଥାନରେ ଯନାଜାଃ ପଢ଼ାଯାଇଥିବା ଶବଗୁଡ଼ିକୁ ଅଣାଯାଇ ରଖାଯାଉଥିଲା ।

***(ସୁନନେ ଇବ୍‌ନେ ମାଜା...... ହଦିସ୍ ନଂ-୧୫୧୩)***

ସନନ୍ ଇବ୍‌ନେ ଦାଉଦ୍‌ରେ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ହମ୍‌ଜା ର:ଅଙ୍କ ତାଙ୍କର ରକ୍ତାକ୍ତ ଓ କ୍ଷତଚିହ୍ନ ଥିବା ଅବସ୍ଥାରେ ଓ ସେ ଯେଉଁ ଜାମା ପରିଧାନ କରିଥିଲେ, ସେଥି ସହିତ ସେମାନଙ୍କ ନମାଜ ଯନାଜାଃ ପଢ଼ାଯାଇ ତାଙ୍କର ଅନ୍ତ୍ୟେଷ୍ଟିକ୍ରୀୟା ସମ୍ପନ୍ନ କରାଯାଇଥିଲା ।

***(ସୁନନେ ଅବୁ ଦାଉଦ୍...... ହଦିସ୍ ନଂ-୩୧୩୫)***

ସିରତ୍ ଖାତ୍ମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ଏମ୍.ଏ ଉଲ୍ଲେଖ କରିଛନ୍ତି ଯେ, ଶୋହଦାଙ୍କ ନମାଜ ଯନାଜାଃ ସେତେବେଳେ ହୋଇନଥିଲା କିନ୍ତୁ ହଜୁର ସ:ଆ:ସଙ୍କ ବିୟୋଗର ନିକଟବର୍ତୀ ସମୟରେ ବିଶେଷକରି ଓ୍ୱହଦ୍‌ରେ ବୀରଗତି ପ୍ରାପ୍ତ କରିଥିବା ସାହାବାଙ୍କ ନମାଜ ଯନାଜାଃ ପଢ଼ାଯାଇଥିଲା । ସନନ୍ ଅବୁ ଦାଉଦ୍‌ରେ ଏକ ଆଲେଖ୍ୟ ରହିଛି ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ହଜ୍‌ରତ୍ ହମ୍‌ଜାଙ୍କ ଯନାଜାଃ ବ୍ୟତିତ ଅନ୍ୟ କୌଣସି ଶହୀଦଙ୍କର ଯନାଜାଃ ପାଠ କରିନଥିଲେ ।

***(ସୁନନେ ଅବୁ ଦାଉଦ୍...... ହଦିସ୍ ନଂ-୩୧୩୭)***

ସିରତ୍ ଇବ୍‌ନେ ହିଶାମ୍ ଓ ସିରତ୍ ହଲ୍‌ବିୟାରେ ଦରଜ ରହିଛି ଯେ, ହଜୁର ସ:ଆ:ସ ଓ୍ୱହଦ୍‌ର ଶହୀଦମାନଙ୍କ ଯନାଜାଃ ଏଭଳି ପାଠ କଲେ କି ସର୍ବପ୍ରଥମେ ହମ୍‌ଜାଙ୍କ ଯନାଜାଃ ପାଠ କରାଗଲା । ଯେଉଁଥିରେ ଆପଣ ସାତଟି ତକ୍‌ବିର୍ କହିଥିଲେ କିନ୍ତୁ ସିରତ୍ ହଲ୍‌ବିୟା ଅନୁଯାୟୀ ଆପଣ ଚାରୋଟି ତକ୍‌ବିର୍ କହିଥିଲେ । ସେଥିଅନ୍ତେ ବାକି ଶହୀଦମାନଙ୍କୁ ଜଣ ଜଣ କରି ଅଣାଯାଉଥିଲା ଏବଂ ହଜ୍‌ରତ୍ ହମ୍‌ଜାଙ୍କ ମରଶରୀର ସହିତ ରଖା ଯାଉଥିଲା । ହଜୁର ସେହି ଦୁହିଁଙ୍କ ଯନାଜାଃ ପାଠ କରିଥିଲେ । ଏପରି ସମସ୍ତ ଶହୀଦମାନଙ୍କ ଯନାଜାଃ ଥରେ ପାଠ କରିବା ସ୍ଥଳେ ହଜ୍‌ରତ୍ ହମ୍‌ଜା ର:ଅଙ୍କର ଯନାଜାଃ ୭୨ ଥର ଏବଂ ଆଉ କେତେକ ବର୍ଣ୍ଣନା ଅନୁଯାୟୀ ୯୨ଥର ପାଠ କରାଯାଇଥିଲା । ***(ସିରତ୍ ଇବ୍‌ନେ ହୁଶାମ୍, ପୃ-୩୯୫-୩୯୬...... ବେରୁତ ୨୦୦୯) (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୩୩୭...... ବେରୁତ ୨୦୦୨)***

ସିରତ୍‌ର ଗୋଟିଏ ପୁସ୍ତକ ଦଲାଇଲ୍ ନବୁଓ୍ୱାରେ ଉଲ୍ଲେଖ ରହିଛି ହଜ୍‌ରତ୍ ହମ୍‌ଜାଙ୍କ ମରଶରୀର ନିକଟକୁ ନଅଜଣ ଶହୀଦଙ୍କ ମର ଶରୀର ଅଣାଯାଇ ରଖାଯାଉଥିଲା ଏବଂ ସେମାନଙ୍କ ନମାଜ ଯନାଜାଃ ପାଠ କରାଯାଉଥିଲା ଏବଂ ସେମାନଙ୍କୁ ନେଇ ଯାଇ ଆଉ ନଅଜଣ ଶହୀଦଙ୍କ ମରଶରୀର ଅଣାଯାଇ ହଜ୍‌ରତ୍ ହମ୍‌ଜାଙ୍କ ସାଥିରେ ରଖାଯାଉଥିଲା ଏପରି ଭାବରେ କ୍ରମାଗତ ଭାବରେ ସମସ୍ତ ଶହୀଦମାନଙ୍କ ନମାଜ ଯନାଜାଃ ପାଠ କରାଯାଉଥିଲା ଏବଂ ପ୍ରତ୍ୟେକ ଥର ହଜୁର ସ:ଆ:ସ ସାତଥର ତକ୍‌ବିର କହିଥିଲେ ।

***(ଦଲାଇଲୁନ୍ ନବୁଓ୍ୱା, ଖଣ୍ଡ-୩, ପୃ-୨୮୭.......ବେରୁତ ୨୦୦୨)***

ସିରତ୍ ହଲ୍‌ବିୟା ଓ ଦଲାଇଲ୍ ନବୁଓ୍ୱାରେ ଏହି ପ୍ରସଙ୍ଗରେ ବିତର୍କ ରହିଛି ଏବଂ ଉଭୟ ପୁସ୍ତକରେ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ବର୍ଣ୍ଣନା ରହିଛି କି ହଜୁର ସ:ଆ:ସ ଓ୍ୱହଦ୍‌ର ଶହୀଦମାନଙ୍କୁ ସେମାନଙ୍କ ରକ୍ତରଞ୍ଜିତ ବସ୍ତ୍ର ସହିତ ସେମାନଙ୍କ ଅନ୍ତେ୍ୟଷ୍ଟିକ୍ରୀୟା ସମ୍ପନ୍ନ କରିବାକୁ ଆଦେଶ ଦେଇଥିଲେ, ନା ସେମାନଙ୍କୁ ସ୍ନାନ କରାଯାଇଥିଲା, ନା ସେମାନଙ୍କ ନମାଜ ଯନାଜାଃ ପାଠ କରାଯାଇଥିଲା ।

***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୩୩୮......... ବେରୁତ ୨୦୦୨)(ଦଲାଇଲୁଲ୍ ନବୁଓ୍ୱାଃ, ଖଣ୍ଡ-୩, ପୃ-୨୮୭-୨୮୮..... ବେରୁତ ୨୦୦୨) (ସହି ବୁଖାରୀ.......ହଦିସ୍ ନଂ- ୧୩୪୩)***

ହଜ୍‌ରତ୍ ଇମାମ୍ ସାଫି ବର୍ଣ୍ଣନା କରନ୍ତି ଅଧିକ ସ୍ୱୀକାର ଯୋଗ୍ୟ ମନେ ହେଉଛି କି ନବୀ କରିମ୍ ସ:ଆ:ସ ଓ୍ୱହଦ୍ ଯୁଦ୍ଧର ଶହୀଦମାନଙ୍କର ଯନାଜାଃ ପାଠ କଲେନାହିଁ ଏବଂ ଯେଉଁ ଆଲେଖ୍ୟର ଆଲୋଚନା ହେଉଛି କି ସେହି ଶହୀଦମାନଙ୍କ ଯନାଜାଃ ପାଠ କରିଥିଲେ ଏବଂ ହଜ୍‌ରତ୍ ହମ୍‌ଜାଃଙ୍କ ପାଇଁ ସତୁରୀଟି ତକ୍‌ବିର୍ କହିଥିଲେ, ଏହା ସଠିକ୍ ନୁହେଁ ଏବଂ ଯେ ପର୍ଯ୍ୟନ୍ତ ହଜ୍‌ରତ୍ ଉକ୍‌ବାଙ୍କ ବର୍ଣ୍ଣନା ରହିଛି ସେଥି ସଂକ୍ରାନ୍ତରେ ସ୍ମରଣ ରହୁ ଯେ ହଜୁର ସ:ଆ:ସ ଉକ୍ତ ଘଟଣାର ଆଠ ବର୍ଷ ପରେ ସମ୍ପୃକ୍ତ ଶହୀଦମାନଙ୍କ ଯନାଜାଃ ପାଠ କରିଥିଲେ ।

***(ଫତହୁଲ୍ ବାରି ଶରହ୍ ସହି ବୁଖାରୀ ଅଲ୍ଲାମାଃ ଇବ୍‌ନେ ହଜ୍‌ରେ ଅସ୍‌କଲାନି ଖଣ୍ଡ-୩, ପୃ-୨୪୯........ କାହିରାଃ ୧୯୮୬)***

ଯେପରି କି ମୁଁ କହିଲି ଏହି ପ୍ରସଙ୍ଗରେ ଅନେକ ତର୍କବିତର୍କ ହୋଇଛି ସେଥିମଧ୍ୟରୁ କିଛି ଏଠାରେ ମୁଁ ଉପସ୍ଥାପନ କରିଦେଉଛି ।

ଇମାମ୍ ବୁଖାରୀ ନିଜ ପୁସ୍ତକ **ବାବୁସ୍ ସଲାତ୍ ଅଲଶ୍ ଶହୀଦ୍** ଅର୍ଥାତ ଶହୀଦମାନଙ୍କ ନମାଜ ଯନାଜାଃ ବିଷୟବସ୍ତୁକୁ ନେଇ ଏକ ହଦୀସ୍ ଉଲ୍ଲେଖ କରିଛନ୍ତି ପ୍ରଥମ ହଦୀଶ ଯାହାକି ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ବର୍ଣ୍ଣନା ଅଟେ । ସେଥିରେ ସ୍ୱଷ୍ଟଭାବରେ ଦର୍ଶାଯାଇଛି ଯେ, ଓ୍ୱହଦ୍ ଯୁଦ୍ଧର ଶହୀଦମାନଙ୍କୁ ସେମାନଙ୍କର ରକ୍ତରଞ୍ଜିତ ବସ୍ତ୍ରରେ ସେମାନଙ୍କ ଅନ୍ତେ୍ୟଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା । ନା ସେମାନଙ୍କୁ ସ୍ନାନ ଦିଆଯାଇଥିଲା, ନା ସେମାନଙ୍କ ଯନାଜାଃ ପାଠ କରାଯାଇଥିଲା । ଦ୍ୱିତୀୟ ହଦିସ୍ ହଜ୍‌ରତ୍ ଉକ୍‌ବା ବିନ୍ ଆମିର୍ ର:ଅଙ୍କ ବର୍ଣ୍ଣନା ଅଟେ, କି ଏକଦା ହଜୁର ସ:ଆ:ସ ବାହାରକୁ ବାହାରିଲେ ଏବଂ ଓ୍ୱହଦ୍‌ର ଶହୀଦମାନଙ୍କ ନମାଜ ଯନାଜାଃ ପରି ଯନାଜାଃ ପାଠ କଲେ । ଏହା ବୁଖାରୀରେ ଦରଜ ରହିଛି ।

ଆଉ ଏକ ସ୍ଥଳେ ସମାନ କଥା ଓ୍ୱହଦ୍ ଯୁଦ୍ଧ ପ୍ରବନ୍ଧରେ ମଧ୍ୟ ଦରଜ ରହିଛି । ସେଠାରେ ସମ୍ପୃକ୍ତ ସାହାବି ବର୍ଣ୍ଣନା କରନ୍ତି । ହଜୁର ସ:ଆ:ସ ଓ୍ୱହଦ୍‌ର ଶହୀଦମାନଙ୍କ ଦେହାନ୍ତର ଆଠବର୍ଷ ପରେ ଏପରି ନମାଜ ଯନାଜାଃ ପାଠ କଲେ ଯେପରି ଏକ ଉପସ୍ଥିତ ଯନାଜାଃର ନମାଜ ପାଠ କରାଯାଇଥାଏ । ***(ସହି ବୁଖାରୀ, କିତାବୁଲ୍ ଯନାଇଜ୍....... ହଦିସ୍-୧୩୪୩-୧୩୪୪)***

***(ସହି ବୁଖାରୀ..... ହଦିସ୍ ନଂ-୪୦୪୨)***

ଏହିପରି ଅଲାମା ଇବ୍‌ନେ ହିଜ୍‌ରେ ଅସ୍କାଲାନି କୁହନ୍ତି: ଇମାମ୍ ସାଫିଙ୍କ କହିବାର ଯର୍ଥାଥ ଏହି କି ଯେ, ଯେ କୌଣସି ମୃତକଙ୍କ ଦେହାନ୍ତରେ ଦୀର୍ଘ ସମୟ ଅତିବାହିତ ହେବାପରେ ତାହା କବର ନିକଟରେ ଯନାଜାଃ ପାଠ କରାଯାଇନଥାଏ । ଇମାମ୍ ସାଫିଙ୍କ ମତରେ ଯେତେବେଳେ ହଜୁର ସ:ଆ:ସଙ୍କ ବିୟୋଗ ସମୟ ନିକଟତର ହୋଇଗଲା । ସେତେବଳେ ଆପଣ ସେମାନଙ୍କ କବର ନିକଟକୁ ଯାଇ ତାଙ୍କୁ ବିଦାୟ ଦେଇ ଦୁଆ କଲେ ଏବଂ ସେମାନଙ୍କ ପାଇଁ କ୍ଷମାଜାଚନା କଲେ ।

***(ଫତହୁଲ୍ ବାରି ଶରହ୍ ସହି ବୁଖାରୀ..... ଖଣ୍ଡ-୩, ପୃ-୨୪୯....କାହିରା ୧୯୮୬)***

ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ ସିରତ୍ ଖାତ୍ମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି । ଓ୍ୱହଦ୍‌ର ଶହୀଦମାନଙ୍କୁ ଏକତ୍ର କରି ସେମାନଙ୍କ ଅନ୍ତେ୍ୟଷ୍ଟିକ୍ରିୟା ଆରମ୍ଭ କରାଗଲା ଏବଂ ସେମାନଙ୍କ ପରିହିତ ବସ୍ତ୍ର ସହିତ ବିନା ସ୍ନାନରେ ତାଙ୍କୁ କବର ଦିଆଗଲା ହଁ ଯାହାଙ୍କ ନିକଟରେ ଅଧିକ କଫନ ଥିଲା ସେ ନିଜ ପରିଜନଙ୍କୁ ତାହାର ପରିହିତ ବସ୍ତ୍ର ଉପରେ କଫନ ବସ୍ତ୍ର ପରିଧାନ କରିଦେଉଥିଲେ । ସେତେବେଳେ ସେମାନଙ୍କ ଯନାଜାଃ ପାଠ କରାଯାଇନଥିଲା । ସାଧାରଣତଃ ଗୋଟିଏ ବସ୍ତ୍ରରେ ଗୋଟିଏ କବରରେ ଦୁଇ ଦୁଇ ସାହାବାଙ୍କୁ କବର ଦିଆଯାଉଥିଲା । ସେମାନଙ୍କ ସମାଧି ପ୍ରସ୍ତୁତ କରାଯାଉଥିଲା । ଯେଉଁ ସାହାବାଙ୍କୁ ପବିତ୍ର କୁର୍‌ଆନ୍ ଅଧିକ ଜଣାଥିଲା ତାହାଙ୍କୁ ହଜୁର ସ:ଆ:ସଙ୍କ ଆଦେଶ ଅନୁଯାୟୀ ପ୍ରଥମେ କବରରେ ଓହ୍ଲାଇ ଦିଆଯାଉଥିଲା । ପୁନଶ୍ଚ ଲେଖା ଅଛି ଯଦିଚ ସେତେବେଳେ ସେମାନଙ୍କ ଯନାଜାଃ ପାଠ କରାଯାଇନଥିଲା କିନ୍ତୁ ପରବର୍ତୀ ସମୟରେ ହଜୁର ସ:ଆ:ସ ବିଶେଷ କରି ଓ୍ୱହଦ୍‌ର ଶହୀଦମାନଙ୍କ ଯନାଜାଃ ପାଠ କରିଥିଲେ ଏବଂ ବେଶ୍ ଦରଦ ର ସହିତ ସେମାନଙ୍କ ପାଇଁ କ୍ଷମା ଜାଚନା କରିଥିଲେ । ସମ୍ଭବତଃ ପ୍ରତ୍ୟେକଙ୍କ କବର ନିକଟରେ ହଜୁର ସ:ଆ:ସ ବେଶ୍ ଦରଦ ର ସହିତ ଦୁଆ କରିଥିଲେ । ***(ସିରତ୍ ଖାତ୍ମୁନ୍ ନବିୟିନ୍ ସ:ଆ:ସ ପୃ-୫୦୧-୫୦୨)***

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି କି ମୁଁ ନିଜ ପିତାଙ୍କ ପାଇଁ ଓ୍ୱହଦ୍ ଯୁଦ୍ଧର ଛଅମାସ ପରେ କବର ପ୍ରସ୍ତୁତ କରିଥିଲି ଅର୍ଥାତ ତାଙ୍କ ପାଇଁ ଆଉ ଏକ କବର ଖୋଦନ କରି ସେଠିକୁ ତାଙ୍କୁ ସ୍ଥାନାନ୍ତରିତ କରିଥିଲି । ଯେତେବେଳେ ମୁଁ ତାଙ୍କ କବର ଖୋଦନ କଲି ଅର୍ଥାତ ଯେଉଁ କବରରେ ତାଙ୍କୁ ସମାଧି ଦିଆଯାଇଥିଲା ତାହାର ଖନନ କରାଗଲା ସେତେବେଳେ ମତେ ତାଙ୍କ ଶରିରରେ କୌଣସି ପରିବର୍ତନ ପରିଲକ୍ଷିତ ହୋଇନଥିଲା । କେବଳ ତାଙ୍କ ଦାଢ଼ିର କିଛି ଚୁଟି ମାଟିରେ ଲାଗି ରହିଥିଲା ।

***(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୩୪୪.......... ବେରୁତ ୨୦୦୩)***

ଆଉ ଏକ ସ୍ଥଳେ ଉଲ୍ଲେଖ ରହିଛି, ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି । ଓ୍ୱହଦ୍ ଯୁଦ୍ଧ ଅବସରରେ ଗୋଟିଏ କବରରେ ଦୁଇ ଦୁଇଜଣ ଶହୀଦଙ୍କୁ ସମାଧି ଦିଆଯାଉଥିଲା ଏବଂ ମୋ ପିତାଙ୍କ ସାଥିରେ ଜଣେ ସାହାବିଙ୍କୁ ମଧ୍ୟ ସମାଧି ଦିଆଯାଇଥିଲା । ଛଅମାସ ପରେ ମୋ ମନରେ ଏହି କଥା ଉଙ୍କି ମାରିଲା କି ମୁଁ ତାଙ୍କୁ ସେହି କବରରୁ ବାହାର କରି ଅଲଗା ଏକ କବର ଖନନ କରି ସେଥିରେ ସମାଧି ଦେଇଦିଏ । ବସ୍ତୁତ ମୁଁ ତାଙ୍କୁ ସେହି କବରରୁ ବାହାର କଲି ଏବଂ ଦେଖିଲି ଯେ ମୃତିକା ତାଙ୍କ ଶରୀରକୁ ତିଳେମାତ୍ର ଅବକ୍ଷୟ କରିପାରିନାହିଁ । କିନ୍ତୁ କାନର କିଛି ମାଂସପେଶୀ ବ୍ୟତିତ ।

***(ତବକାତୁଲ୍ କୁବ୍‌ରା.......ଖଣ୍ଡ-୩, ପୃ-୪୨୫......... ବେରୁତ ୧୯୯୦)***

ଓ୍ୱହଦ୍ ଯୁଦ୍ଧର ୪୬ ବର୍ଷ ପରେ ହଜ୍‌ରତ୍ ଅମୀର ମାଓ୍ୱିୟା ନିଜ ସମୟ କାଳରେ ଜଳସେଚନ ପାଇଁ ନଦି ଧାରାମାନ ଖନନ କଲେ ଯାହାର ଜଳ ଓ୍ୱହଦ୍ ର ଶହୀଦମାନଙ୍କ କବରରେ ପ୍ରବେଶ କରିଗଲା । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅ ଓ ହଜ୍‌ରତ୍ ଉମ୍‌ରୋ ବିନ୍ ଜମୁହ୍‌ଙ୍କ କବର ମଧ୍ୟ ଜଳମଗ୍ନ ହୋଇଗଲା । ଯେତେବେଳେ ତାଙ୍କ କବର ଖନନ କରାଗଲା ସେତେବେଳେ ସେମାନଙ୍କ ମରଶରୀର ଉପରେ ଦୁଇଟି ଚଦର ପଡ଼ି ରହିଥିଲା । ବର୍ଣ୍ଣନାକାରୀ କୁହନ୍ତି ତାଙ୍କ ମୁଖରେ କ୍ଷତଚିହ୍ନ ଥିଲା ଏବଂ ତାଙ୍କ ଉପରେ ଏବଂ ତାହା ଉପରେ ତାଙ୍କ ହାତ ରହିଥିଲା ତା'ପରେ ଯାହା ବର୍ଣ୍ଣନା କରାଯାଇଛି ବା ଉଲ୍ଲେଖ ରହିଛି ତାହା ଏଠାରେ ମୁଁ ଆଲୋଚନା କରିଦେଉଛି । କାରଣ ବିଭିନ୍ନ ଐତିହାସିକ ପୁସ୍ତକରେ ଏହିଭଳି ହିଁ ଦରଜ ରହିଛି ଯଦିଚ ହୋଇପାରେ କି ଏଥିରେ ଅତିଶୟତା ଅବଲମ୍ବନ କରାଯାଇଛି । ସେ ଯାହା ହେଉ ନା କାହିଁକି ଯେତେବେଳେ ସେ ତାଙ୍କ ହାତ ଉକ୍ତ କ୍ଷତ ସ୍ଥାନ ଉପରୁ ଉଠାଇଦେଲେ ସେତେବେଳେ ଉକ୍ତ ସ୍ଥାନରୁ ରକ୍ତସ୍ରାବ ହେଲା, ଯାହାକି ଅସମ୍ଭବ ଅଟେ କିନ୍ତୁ ତାଙ୍କ ହସ୍ତ ପୂର୍ନବାର ସେଠାରେ ରଖିଦେବାରୁ ଅର୍ଥାତ ଉକ୍ତ କ୍ଷତସ୍ଥାନ ଉପରେ ରଖିଦେବାରୁ ରକ୍ତ କ୍ଷରିତ ହେବା ବନ୍ଦ ହୋଇଗଲା । ଏଭଳି ଆଲେଖ୍ୟ ମଧବର୍ତୀରେ ଆସିଯାଇଥାଏ ଯାହାକି ସ୍ୱାଗତ ଯୋଗ୍ୟ ମନେ ହୋଇନଥାଏ । ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ କୁହନ୍ତି ମୁଁ କବର ଭିତରକୁ ଚାହିଁଲି ମତେ ଏପରି ମନେ ହେଲା ଯେପରି ମୋ ପିତା ଶୟନ କରୁଛନ୍ତି । ***(କିତାବୁଲ୍ ମଗାଜି, ଖଣ୍ଡ-୧, ପୃ-୨୬୭.... ବେରୁତ ୧୯୮୪)***

*(ତବକାତୁଲ୍ କୁବ୍ରା........ଖଣ୍ଡ-୩, ପୃ-୪୨୪........... ବେରୁତ ୧୯୯୦)*

ଦୀର୍ଘ ଛଅମାସ ପରେ ତାଙ୍କୁ ସେହି କବରରୁ ବାହାର କରାଗଲା ସେତେବେଳେ ତାଙ୍କ ଶରୀରର ମାଂସପେଶୀରେ କୌଣସି ପରିବର୍ତ୍ତନ ପରିଲିକ୍ଷିତ ହେଉନଥିଲା । ତେବେ ୪୬ ବର୍ଷପରେ ଏହା ସମ୍ଭବନୁହେଁ ଯେ ତାଙ୍କ ଅସ୍ଥିମାନ ବାକି ରହିଯାଇଥିବ । ଏହା ପ୍ରକୃତିର ନିୟମ ବିପରୀତ ଅଟେ ।

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରନ୍ତି ଯେତେବେଳେ ହଜୁର ସ:ଆ:ସ ମତେ ଭେଟିଲେ ସେତେବେଳେ ଆପଣ କହିଲେ, ହେ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ତୁମର କଣ ହୋଇଛି, ତୁମେ କାହିଁକି ଦୁଃଖିତ ଜଣାପଡୁଛ ? ମୁଁ ଉତର ଦେଲି ହେ ଅଲ୍ଲାଃଙ୍କ ରସୁଲ୍ ! ମୋ ପିତା ଓ୍ୱହଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଛନ୍ତି ଏବଂ ସେ ନିଜ ପଛରେ ଋଣଭାର ଓ ସନ୍ତାନ ଛାଡ଼ି ଯାଇଛନ୍ତି । ହଜୁର ସ:ଆ:ସ କହିଲେ କଣ ମୁଁ ତୁମକୁ ଏପରି ଶୁଭସମ୍ବାଦ ଦେବି ଯାହା ତୁମକୁ ପ୍ରସନ୍ନିତ କରିବ ତାହା ହେଲା ଅଲ୍ଲାଃ ତାଲା ତୁମର ପିତାଙ୍କ ସହିତ ସାକ୍ଷାତ କଲେ, ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ମତେ କୁହନ୍ତୁ । ହଜୁର ସ:ଆ:ସ କହିଲେ ଅଲ୍ଲାଃ ତାଲା କାହାରି ସହିତ କଥା ହେଲେନାହିଁ କିନ୍ତୁ ପରଦା ଆଢୁଆଳରେ କିନ୍ତୁ ତୁମ ପିତାଙ୍କୁ ଜୀବିତ କଲେ ଏବଂ ତାଙ୍କ ସହ ମୁହାଁମୁହିଁ ହୋଇ ବାର୍ତାଳାପ କଲେ କି ହେ ମୋର ଭକ୍ତ ! ତୁମେ ମତେ ବର ମାଗ ଯାହାକି ମୁଁ ତୁମକୁ ପ୍ରଦାନ କରିବି । ସେ କହିଲେ, ହେ ମୋର ସୃଷ୍ଟିକର୍ତା ! ମୋର ପ୍ରଭୁ ! ମତେ ପୂନଃ ଜୀବନଦାନ କର ଅର୍ଥାତ ସଂସାରକୁ ଫେରାଇ ଦିଅ କାରଣ ମୁଁ ତୁମ ମାର୍ଗରେ ଆଉଥରେ ନିହତ ହୋଇ ବୀରଗତି ପ୍ରାପ୍ତ କରିବାକୁ ଚାହେଁ । ପ୍ରତିଉତରରେ ଅଲ୍ଲାଃ ତାଲା କହିଲେ, ମୋର ଏହି ବିଧାନ ରହିଛି ଯେ, ଯେ ଥରେ ଇହଧାମ ତ୍ୟାଗ କରେ ସେ ଆଉ ସେଠାକୁ ଫେରି ନଥାଏ ।

ହଜ୍‌ରତ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ କୁହନ୍ତି ହେ ମୋର ପ୍ରଭୁ ! ମୋର ପଛରେ ଥିବା ବ୍ୟକ୍ତିମାନଙ୍କ ପର୍ଯ୍ୟନ୍ତ ମୋର ଏହି କଥା ପହଂଚାଇ ଦିଅନ୍ତୁ । ସୁତରାଂ ଉକ୍ତ ଅବସରରେ ଅଲ୍ଲାଃ ତାଲା ଉକ୍ତ ଆୟତ ଅବତୀର୍ଣ୍ଣ କଲେ: **ଓ୍ୱଲା ତହ୍‌ସବନ୍ନାଲ୍ ଲଜ୍ଜିନା କୁତିଲୁ ଫି ସବିଲିଲ୍ଲାହି ଅମ୍‌ଓ୍ୱାତନ୍ ବଲ୍ ଅହ୍‌ୟାଉନ୍ ଇନ୍‌ଦ ରବ୍‌ବିହିମ୍ ୟୁର୍‌ଜକୁନ୍ (ଆଲେ ଇମ୍‌ରାନ୍:୧୭୦)** ଅର୍ଥାତ ଏବଂ ଯେଉଁମାନେ ଅଲ୍ଲାଃଙ୍କ ପଥରେ ନିହତ ହୋଇଛନ୍ତି ତୁମେ ସେମାନଙ୍କୁ କଦାପି ମୃତ ବୋଲି ମନେ କରନାହିଁ । ବରଂ ସେମାନେ ନିଜ ପାଳନକର୍ତାଙ୍କ ସମୀପରେ ଜୀବିତ ଅଛନ୍ତି (ଓ) ସେମାନଙ୍କୁ ଜୀବିକା ପ୍ରଦାନ କରାଯାଇଛି । *(ସୁନନେ ତିର୍‌ମିଜ୍...... ହଦିସ୍ ନଂ-୩୦୧୦)*

*(ଦଲାଇଲୁଲ୍ ନବୁଓ୍ୱା ଖଣ୍ଡ-୩, ପୃ-୨୯୮......ବେରୁତ ୧୯୯୨)*

*(ଅଲ୍‌ଇସ୍‌ତିୟାବ........ ଖଣ୍ଡ-୩, ପୃ-୯୫୫-୯୫୬.....ବେରୁତ ୧୯୯୨)*

।ଏହି ଆୟତ ପ୍ରଥମେ ମଧ୍ୟ ମୁଁ ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ଜୀବନି ଚର୍ଚ୍ଚାରେ ଆଲୋଚନା କରିସାରିଛି । ଅଲ୍ଲାଃ ତାଲା ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋଙ୍କ ସମ୍ଭାସଣ ପ୍ରସଙ୍ଗିୟ ବ୍ୟାଖ୍ୟା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ନିଜର ଏକ ବକ୍ତୃତା ଯାହାକି ଖିଲାଫତ ପୂର୍ବରୁ ଆପଣ ପ୍ରଦାନ କରିଥିଲେ ସେଥିରେ ବିଭିନ୍ନ କିସମର ସୌନ୍ଦର୍ଯ୍ୟ ବିମଣ୍ଡିତ ରଖି ବର୍ଣ୍ଣନା କରିଛନ୍ତି । ଯେଉଁ ଦିଗରୁ ଦେଖିଲେ ମଧ୍ୟ ସେଥିରେ ଆମକୁ ତାଙ୍କର ସମସ୍ତ ମାମଲାରେ ନୂତନ ସୁବାଶିତ ଚରିତ୍ର ଦୃଶ୍ୟମାନ ହୋଇଥାଏ କି କିଭଳି ତାଙ୍କର ସମ୍ପର୍କ ନିଜ ପ୍ରଭୁଙ୍କ ସହିତ ରହିଥିଲା, ତାଙ୍କ ସହ ଯୋଡ଼ି ରହିଥିଲେ ସେ ଏବଂ ସେ ନିଜ ଅନୁଗାମୀମାନଙ୍କ ସହ ସହାନୁଭୂତି ପ୍ରଦାନ କରିଥିବା ଯୋଗୁଁ ଅର୍ଥାତ ହଜୁର ସ:ଆ:ସଙ୍କ ନିଜ ଅନୁଗାମୀମାନଙ୍କ ସହ ସହାନୁଭୂତି ପ୍ରଦର୍ଶନ କରିଥିବା ଯୋଗୁଁ ତାଙ୍କର ସାହାବାମାନେ ତାଙ୍କ ପ୍ରତି ଢ଼ଳି ରହୁଥିଲେ । ଯେତେବେଳେ କି ତାଙ୍କର ଅନ୍ୟ ପାର୍ଶ୍ୱଟି ନିଜ ସର୍ବଶ୍ରେଷ୍ଠ ସାହାଯ୍ୟକର୍ତାଙ୍କ ଆଡ଼କୁ ସମାନ ଭାବରେ ଏକ ସମୟରେ ଢ଼ଳି ରହୁଥିଲା । ସେହି ହସ୍ତି ଯିଏ ଶାନ୍ତିପ୍ରଦ ଅବସ୍ଥାରେ **ସୁମ୍ମା ଦନା ଫତଦଲ୍ଲା** ସର୍ବୋଚ୍ଚ ସ୍ତରରେ ଅବସ୍ଥାନ କରିଥିଲେ । ଯୁଦ୍ଧ ଅବସ୍ଥାରେ ମଧ୍ୟ କ୍ଷଣକ ପାଇଁ ସେ ସେଠାରୁ ଅର୍ଥାତ ତାଙ୍କଠାରୁ ଅଲଗା ହେଉନଥିଲେ ଗୋଟିଏ ପଟେ ଆପଣଙ୍କ ନଜର ରଣକ୍ଷେତ୍ରରେ ଥିବା ସମୟରେ ଅନ୍ୟପଟେ ଆପଣଙ୍କ ପ୍ରଭୁଙ୍କ ଗୁଣଗାନରେ ମାତି ରହୁଥିଲା । ଗୋଟିଏ କର୍ଣ୍ଣ ସାହାବାଙ୍କ ଆଡ଼କୁ ଢ଼ଳି ରହୁଥିବା ସ୍ଥଳେ ଅନ୍ୟ କର୍ଣ୍ଣଟି ପ୍ରଭୁଙ୍କ ମଧୁର ବାର୍ତା ଶୁଣିବାକୁ ଅପେକ୍ଷାରତ ରହୁଥିଲା । ଗୋଟିଏ ପଟେ ଆପଣଙ୍କ ସାହାବାଙ୍କୁ ଆନନ୍ଦିତ ଓ ଉଲ୍ଲସିତ କରିବାକୁ ପ୍ରୟାସ କରୁଥିବା ସ୍ଥଳେ । ଅନ୍ୟପଟେ ପ୍ରଭୁ ଆପଣଙ୍କ ଖୁସିର ବ୍ୟବସ୍ଥା କରି ଦେଉଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋ ର:ଅଙ୍କ ହୃଦୟର ଅବସ୍ଥା ସମ୍ବନ୍ଧରେ ଅଲ୍ଲାଃ ଆପଣଙ୍କୁ ଅବଗତ କରାଇ ଏହି ବାର୍ତା ଦେଲେ, ହେ ମୋର ପ୍ରୀୟଭକ୍ତ ! ଦେଖ ମତେ ତୁମେ ସବୁଠାରୁ ଅଧିକ ଭଲ ପାଉଥିବା ଯୋଗୁଁ ମୁଁ ନିଜ ଭକ୍ତମାନଙ୍କ ହୃଦୟରେ ତୁମ ପ୍ରତି ଅନୁରାଗ ଉତ୍ପନ୍ନ କରିଦେଇଛି ଏବଂ ସେମାନେ ଏହି ଇହଧାମରୁ ବାହୁଡ଼ି ଯିବା ପରେ ମଧ୍ୟ ତୁମ କଥା ତାଙ୍କୁ ବ୍ୟଥିତ କରୁଛି ଏବଂ ତୁମକୁ ରଣଭୂମିରେ ଏକାକି ଛାଡ଼ି ଯିବାକୁ କିଭଳି ସେମାନେ ମ୍ରିୟମାଣ ହେଇପଡୁଛନ୍ତି । ତୁମ ମୁକାବିଲାରେ ସେମାନଙ୍କୁ ବୈକୁଣ୍ଠର କାମାନ ମଧ୍ୟ ତୁଚ୍ଛ ମନେ ହେଉଛି । ତାଙ୍କର ସେ କାମନା ଆଉ ବାକି ରହିନାହିଁ । ସେମାନଙ୍କ ବୈକୁଣ୍ଠ ତ ଏହା ଯେ, ତୀକ୍ଷ୍ଣ ଖଡ୍ଗରେ ବାରମ୍ୱାର ନୀହତ ହୋଇଯାଆନ୍ତେ କି । ତଥାପି ତୁମ ସାଥିରେ ସେ ରହିବାକୁ ଉକ୍ଣ୍ଠିତ । *(ଖୁତ୍‌ବାତେ ତାହେର୍ ତକ୍‌ରିର୍ ଜଲ୍‌ସା ସାଲାନା ୧୯୭୯, ପୃ-୩୪୯-୩୫୦)*

ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବର୍ଣ୍ଣନା କରୁଛନ୍ତି ଯେ, ଯେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ମୃତ୍ୟୁବରଣ କଲେ ମୁଁ ସେତେବେଳେ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଯାଇ ନିବେଦନ କଲି ଯେ, ଆପଣ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋଙ୍କୁ କରଜ ଦେଇଥିବା ଲୋକମାନଙ୍କୁ ବୁଝାନ୍ତୁ ସେମାନେ ତାଙ୍କ କରଜରେ କିଛି ଊଣା କରିଦେବେ ଏଥିରେ ନବୀ ସ:ଆ:ସ ଯାଇଁ ସେମାନଙ୍କୁ କହିଲେ, କିନ୍ତୁ ସେମାନେ କରଜ ଛାଡ଼ିବାପାଇଁ ମନା କଲେ ବା ସେଥିରୁ କିଛି କମ୍ କରିବା ପାଇଁ ମଧ୍ୟ ମନା କରିଦେଲେ ତେଣୁ ନବୀ ସ:ଆ:ସ ମତେ କହିଲେ ଯେ, ତୁମେ ଯାଅ ଓ ନିଜ ଖଜୁରୀଗୁଡ଼ିକ ମଧ୍ୟରୁ ଗୋଟିଏ ଅଂଶ ଅଲଗା କରିଦିଅ ତା'ପରେ ମତେ ବାର୍ତା ପଠାଇବ । ଅତଏବ ମୁଁ ଯାଇ ଏହିଭଳି କଲି ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ବାର୍ତା ପଠାଇଲି । ଆପଣ ସ:ଆ:ସ ଆସି ସେଇ ଖଜୁରୀ ଗଦାରେ ବସିପଡ଼ିଲେ । ପୁଣି ଆପଣ ସ:ଆ:ସ କହିଲେ ଏହି ଲୋକମାନଙ୍କୁ ଖଜୁରୀଗୁଡ଼ିକୁ ମାପ କରି ଦିଅ । ସୁତରାଂ ମୁଁ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ମାପି ମାପି ଦେଲି ଓ ସମସ୍ତଙ୍କୁ ଦେଇଦେଲି ଏହା ସତ୍ୱେ ମଧ୍ୟ ମୋ ଖଜୁରୀ ପୁଣି ବଂଚିଗଲା । ଏମିତି ଲାଗୁଥିଲା ଯେମିତି ମୋ ଖଜୁରୀ ଗଦାରୁ କିଛି କମି ନାହିଁ । *(ସହୀ ବୁଖାରୀ....... ହଦିସ୍ ନଂ-୨୧୨୭)*

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ନିଜ ଅନ୍ତେ ନିଜର ପୁତ୍ର ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ବ୍ୟତିତ ଆଉ ଛଅଜଣ ଝିଅଙ୍କୁ ଛାଡ଼ି ଯାଇଥିଲେ । ସହି ବୁଖାରୀର ଗୋଟିଏ ରିଓ୍ୱାୟତ ମୁତାବକ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅମ୍‌ରୋ ର:ଅ ସାତଜଣ ବା ନଅଜଣ ଝିଅ ଛାଡ଼ି ଯାଇଥିଲେ । *(ସୁନନେ ନସାଇ...... ହଦିସ୍ ନଂ-୩୬୬୬) (ବୁଖାରୀ..... ହଦିସ୍ ନଂ- ୫୩୬୭)*

ଏବେ ଆଉ ଜଣେ ସାହାବିଙ୍କର ଏଠାରେ ଚର୍ଚ୍ଚା କରିବି ଯାହାଙ୍କ ନାମ ହେଉଛି ହଜ୍‌ରତ୍ ଅବୁ ଦୁଜାନା । ଅବୁ ଦୁଜାନା ହେଉଛନ୍ତି ହଜ୍‌ରତ୍ ସମାକ୍ ବିନ୍ ଖରସା । ତାଙ୍କର ସମ୍ବନ୍ଧ ଅନ୍‌ସାରମାନଙ୍କ କବିଲା ଖଜ୍‌ରଜ୍ ର ବନୁ ସାଆଦା ଶାଖା ସହିତ ଥିଲା । ହଜ୍‌ରତ୍ ଅବୁ ଦୁଜାନାଙ୍କ ବାପାଙ୍କ ନାମ ଖର୍‌ସା

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

---

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

---

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

---

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 07 Jan 2021 Issue No. 01

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

ଥିଲା ଓ ଆଉ କେତେକ କହୁଛନ୍ତି ଯେ, ତାଙ୍କ ବାପାଙ୍କ ଅଓସ୍ ଥିଲା ଓ ଜେଜେଙ୍କ ନାମ ଖରସା ଥିଲା । ହଜ୍‌ରତ୍ ଅବୁ ଦୁଜାନାଙ୍କ ମାଆଙ୍କ ନାମ ହଜ୍‌ମା ବିନ୍‌ତେ ହର୍‌ମଲା ଥିଲା । ଅବୁ ଦୁଜାନା ନିଜ ନାମଠାରୁ ଅତ୍ୟଧିକ ନିଜର ସାଙ୍ଖା ଦ୍ୱାରା ପ୍ରଶିଦ୍ଧ ଥିଲେ । ତାଙ୍କର ଜଣେ ପୁତ୍ର ଥିଲା ଯାହାଙ୍କ ନାମ ଥିଲା ଖାଲିଦ୍ ଓ ତାଙ୍କ ମାଆଙ୍କ ନାମ ଥିଲା ଆମିନା । ***(ଉସ୍‌ଦୁଲ୍ ଗାବାଃ ଖଣ୍ଡ-୨, ପୃ-୩୧୭..... ବେରୁତ ଲେବ୍‌ନାନ୍ ୨୦୦୩) (ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୪୧୯..... ବେରୁତ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଉତ୍‌ବା ବିନ୍ ଗଜ୍‌ୱାନ୍ ର:ଅ ମକ୍କାରୁ ହିଜ୍‌ରତ୍ କରି ଯେତେବେଳେ ମଦିନାରେ ପହଂଚିଲେ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ସହିତ ହଜ୍‌ରତ୍ ଅବୁ ଦୁଜାନାଙ୍କର ଭାତୃଭାବ ପ୍ରତିଷ୍ଠା କରିଥିଲେ । ***ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୪୨୦..... ବେରୁତ ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଅବୁ ଦୁଜାନା ବଦର, ଓ୍ୱହଦ୍ ଏବଂ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ । ***(ଉସ୍‌ଦୁଲ୍ ଗାବାଃ ଖଣ୍ଡ-୨, ପୃ-୩୧୭..... ବେରୁତ ଲେବ୍‌ନାନ୍ ୨୦୦୩)***

ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କ ଗଣନା ଅନ୍‌ସାରଙ୍କ ବଡ଼ ବଡ଼ ସାହାବାମାନଙ୍କ ମଧ୍ୟରେ ହୋଇଥାଏ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସେ ଯୁଦ୍ଧରେ ସ୍ୱତନ୍ତ୍ର ଭୁମିକା ନିର୍ବାହ କରିଛନ୍ତି । ***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୨, ପୃ-୨୧୨ ..... ବେରୁତ ୨୦୧୦)***

ଯୁଦ୍ଧ ସମୟରେ ସେ ଅତ୍ୟନ୍ତ ସାହାସିକତାର ସହ ଲଢୁଥିଲେ । ସେ ଜଣେ ଦକ୍ଷ ଅଶ୍ୱାରୋହୀ ଥିଲେ, ତାଙ୍କ ପାଖରେ ନାଲି ରଙ୍ଗର ଏକ ରୁମାଲ ଥିଲା ଯାହାକୁ ସେ କେବଳ ଯୁଦ୍ଧ ସମୟରେ ହିଁ ପରିଧାନ କରୁଥିଲେ । ଯେତେବେଳେ ସେ ନାଲି ରଙ୍ଗର ରୁମାଲ୍ ମୁଣ୍ଡରେ ବାନ୍ଧୁଥିଲେ ସେତେବେଳେ ଲୋକମାନେ ଜାଣିପାରୁଥିଲେ ଯେ ବର୍ତମାନ ସେ ଯୁଦ୍ଧ ପାଇଁ ପ୍ରସ୍ତୁତ ଅଛନ୍ତି । ହଜ୍‌ରତ୍ ଅବୁ ଦୁଜାନା ର:ଅ ଅତ୍ୟନ୍ତ ବୀର ଓ ସାହାସି ବ୍ୟକ୍ତି ଥିଲେ । ***(ଉସଦୁଲ୍ ଗାବାଃ........ ଖଣ୍ଡ-୫, ପୃ-୯୬.......... ଲେବ୍‌ନାନ୍ ୨୦୦୩)***

ମୁହମ୍ମଦ ବିନ୍ ଇବ୍ରାହିମ ନିଜ ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ ହଜ୍‌ରତ୍ ଅବୁ ଦୁଜାନା ର:ଅ ଯୁଦ୍ଧ ସମୟରେ ନିଜର ନାଲି ରଙ୍ଗର ପଗଡ଼ି ଯୋଗୁଁ ଚିହ୍ନା ପଡ଼ିଯାଉଥିଲେ ଏବଂ ବଦର ଯୁଦ୍ଧ ଅବସରରେ ମଧ୍ୟ ଉକ୍ତ ପଗଡ଼ି ତାଙ୍କ ମୁଣ୍ଡ ଉପରେ ରହିଥିଲା । ମୁହମ୍ମଦ ବିନ୍ ଉମର୍ ର:ଅ କୁହନ୍ତି: ହଜ୍‌ରତ୍ ଅବୁ ଦୁଜାନା ର:ଅ ଏହିପରି ଭାବରେ ଓ୍ୱହଦ୍ ଯୁଦ୍ଧରେ ସାମିଲ ଥିଲେ ଏବଂ ହଜୁର ସ:ଆ:ସଙ୍କ ସହିତ ଅବିଚଳତା ପ୍ରଦର୍ଶନ କରିଥିଲେ ଅର୍ଥାତ ଯେତେବେଳେ ମୁସଲମାନମାନଙ୍କର ପରାଜୟ ହୋଇଥିଲା ଏବଂ ହଜୁର ସ:ଆ:ସଙ୍କ ପାଖରେ ଅଳ୍ପ କିଛି ସାହାବା ରହିଯାଇଥିଲା ସେତେବେଳେ ମଧ୍ୟ ସେ ହଜୁର ସ:ଆ:ସଙ୍କ ସାଥିରେ ଅବିଚଳ ଭାବରେ ଛିଡ଼ା ରହିଥିଲେ ଓ ଶତୃର ମୁକାବିଲା କରିଥିଲେ ସେତେବେଳେ ସେ, ହଜୁର ସ:ଆ:ସଙ୍କୁ ସୁରକ୍ଷା ପ୍ରଦାନ କରିବା ହେତୁ ଗମ୍ଭୀର ରୂପେ କ୍ଷତାକ୍ତ ହୋଇଥିଲେ ସେହି ଦିନ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈର୍ ର:ଅ ବୀରଗତି ପ୍ରାପ୍ତ କରିଥିଲେ । ***(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୪, ପୃ-୨୦୯.......... ଲେବ୍‌ନାନ୍ ୨୦୧୦)***

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରନ୍ତି: ହଜୁର ସ:ଆ:ସ ଓ୍ୱହଦ୍ ଯୁଦ୍ଧ ଦିନ ଏକ ଖଡ୍ଗଧରି କହିଲେ: **ମନ୍ ୟାଖୁଜୁ ମିନ୍ନି ହାଜା ?** ଅର୍ଥାତ କିଏ ଅଛି ଯିଏ ଏହି ତରବାରୀକୁ ମୋଠାରୁ ଗ୍ରହଣ କରିବ ? ସମସ୍ତ ସାହାବାମାନେ ନିଜ ହାତ ଆଗକୁ ବଢ଼ାଇଲେ ଏବଂ ଉପସ୍ଥିତ ସାହାବାମାନେ କହିଲେ ହଜୁର ସ:ଆ:ସ ମତେ ପ୍ରଦାନ କରନ୍ତୁ କିନ୍ତୁ ହଜୁର ସ:ଆ:ସ କହିଲେ: **ଫମନ୍ ୟାଖୁଜୁହୁ ବିହକ୍‌କିହି** ଅର୍ଥାତ କିଏ ଉକ୍ତ ଖଡ୍ଗକୁ ତାହାର ପ୍ରକୃତ କର୍ତବ୍ୟ ସହ ଗ୍ରହଣ କରିବ । ଏହା ଶୁଣି ଲୋକେମାନେ ଯେତେବେଳେ ଅଟକି ଗଲେ ସେତେବେଳେ ହଜ୍‌ରତ୍ ଅବୁ ଦୁଜାନା ର:ଅ କହିଲେ, ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଉକ୍ତ ତରବାରୀକୁ ତାହାର ପ୍ରକୃତ କର୍ତବ୍ୟ ସହ ଧାରଣ କରିବି । ହଜ୍‌ରତ୍ ଅନସ୍ ର:ଅ କୁହନ୍ତି ସେ ତରବାରୀଯିକୁ ନେଇ ମୁସ୍‌ରିକ୍‌ମାନଙ୍କର ଶୀର ଛେଦନ କରିଚାଲିଲେ । ***(ସହି ମୁସ୍‌ଲିମ୍...... ହଦିସ ନଂ-୬୩୫୩)***

ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅବୁ ଦୁଜାନା ର:ଅ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଉକ୍ତ ତରବାରୀର ପ୍ରକୃତ କର୍ତବ୍ୟ କଣ ? ହଜୁର ସ:ଆ:ସ ଏହାର ପ୍ରକୃତ ଅଧିକାର ପ୍ରତି ସଚେତନ କରାଇ ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କୁ କହିଲେ, କି ଏହି ତରବାରୀର ଅଧିକାର କହିବାକୁ ଗଲେ ତୁମେ ଏହି ତରବାରୀ ସାହାଯ୍ୟରେ କୌଣସି ମୁସଲମାନକୁ ହତ୍ୟା କରିବ ନାହିଁ ଏବଂ କୌଣସି ଅବିଶ୍ୱାସୀକାରୀଠାରୁ ପଳାୟନ କରିବ ନାହିଁ ଅର୍ଥାତ ଦୃଢ଼ତାର ସହିତ ଲଢ଼ିବ । ଯେତେବେଳେ କି ତାହାର ମୁକାବିଲା କରିବ । ହଜ୍‌ରତ୍ ଜୁବୈର୍ ର:ଅ କୁହନ୍ତି ଏହାପରେ ହଜୁର ସ:ଆ:ସ ଉକ୍ତ ତରବାରୀକୁ ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କ ଅଧିନ କରିଦେଲେ ତାଙ୍କର ହାତରେ ଟେକିଦେଲେ । ତରବାରୀକୁ ଧରିବାପରେ ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କର ଏପରି ଅବସ୍ଥା ହୋଇଯାଇଥିଲା ଯେ ସେ ଉକ୍ତ ତରବାରୀ ସାହାଯ୍ୟରେ ଅବିଶ୍ୱାସକାରୀଙ୍କର ସ୍କନ୍ଦଚ୍ୟୁତ କରିଥିଲେ ଏବଂ ସେ ଏହି ପଦ ପଢୁଥିଲେ: **ଆନଲ୍ଲଜି ଆହଦନି ଖଲିଲି ଓ୍ୱ ନହ୍‌ନୁ ବିସ୍ ସଫ୍‌ହି ଲଦନ୍ ନଖିଲି** କି ମୁଁ ସେହି ବ୍ୟକ୍ତି ଯାହାଠାରୁ ମୋ ବନ୍ଧୁ ପ୍ରତିଶୃତି ନେଇଛନ୍ତି ଯେତେବେଳେ ଆମେ ସଫ୍ ସ୍ଥାନରେ ଖଜୁରୀ ବୃକ୍ଷ ନିକଟରେ ଥିଲୁ ଏବଂ ସେହି ପ୍ରତିଶୃତି ଏହା ଥିଲା କି ଆମ ସେନାର ପଛଧାଡ଼ିରେ ଛିଡ଼ା ହେବୁନାହିଁ ଏବଂ ଅଲ୍ଲାଃ ଓ ରସୁଲ୍‌ଙ୍କ ତରବାରୀ ମାଧ୍ୟମରେ ଶତୃର ମୁକାବିଲା କରିବୁ । ହଜ୍‌ରତ୍ ଅବୁ ଦୁଜାନା ର:ଅ ଅତ୍ୟନ୍ତ ଦର୍ପ ଓ ଦମ୍ଭର ସହିତ ସେନାର ମଧଭାଗରେ ଚଳପ୍ରଚଳ କରୁଥିଲେ । ଏଥିରେ ହଜୁର ସ:ଆ:ସ କହିଲେ, ଯଦିଚ ଏଭଳି ଢ଼ଙ୍ଗ ଓ ଚାଲି ଐଶ୍ୱରର୍ଯ୍ୟମୟ ପ୍ରଭୁଙ୍କୁ ପସନ୍ଦ ନୁହେଁ କିନ୍ତୁ ଏହି ସ୍ଥଳେ ଯେଉଁଠି ଯୁଦ୍ଧ ଚାଲିଛି ସେଠାରେ ଏହା ପ୍ରଜୁଯ୍ୟ । ***(ଅଲ୍‌ଅସାବାଃ....... ଖଣ୍ଡ-୭, ପୃ-୧୦୦.......... ଲେବ୍‌ନାନ୍ ୨୦୦୫) (ଉସଦୁଲ୍ ଗାବାଃ........ ଖଣ୍ଡ-୨, ପୃ-୩୧୭.......... ଲେବ୍‌ନାନ୍ ୨୦୦୩)***

ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ର:ଅ ବର୍ଣ୍ଣନା କରନ୍ତି ହଜୁର ସ:ଆ:ସ ଓ୍ୱହଦ୍ ଯୁଦ୍ଧ ଦିନ ଏକ ତରବାରୀ ଉପସ୍ଥାପିତ କଲେ ଏବଂ କହିଲେ:- **ମନ୍ ୟାଖୁଜୁ ହାଜସ୍ ସୈଫା ବିହ୍‌କକିହି ।** ଅର୍ଥାତ କିଏ ଅଛି ଯିଏ ଏହି ତରବାରୀର ହକ୍‌କୁ ପ୍ରଦାନ କରି ଏହାକୁ ନେବ ? ହଜ୍‌ରତ୍ ଜୁବୈର ର:ଅ କୁହନ୍ତି, ଏହା ଶୁଣି ମୁଁ ଛିଡ଼ା ହେଲି ଏବଂ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ମତେ ତାହା ପ୍ରଦାନ କରନ୍ତୁ । ହଜୁର ସ:ଆ:ସ ମତେ ଅଣଦେଖା କଲେ ଏବଂ ପୂର୍ନବାର ସମାନ କଥା ପୂନରାବୃତି କଲେ କି ଉକ୍ତ ତରବାରୀର ପ୍ରକୃତ କର୍ତବ୍ୟ କିଏ ସମ୍ପାଦନ କରିବ ? ମୁଁ ପୂନର୍ବାର କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ତାହା ମୁଁ ସମ୍ପାଦନ କରିବି । ହଜୁର ସ:ଆ:ସ ପୂର୍ନବାର ମତେ ଅଣଦେଖା କଲେ ଏବଂ ଉପରୋକ୍ତ କଥା ପୂର୍ନବାର ଦୋହରାଇଲେ କି, କିଏ ଏ ତରବାରୀର ପ୍ରକୃତ କର୍ତବ୍ୟ ସମ୍ପାଦନ କରିବ ? ହଜ୍‌ରତ୍ ଅବୁ ଦୁଜାନା ର:ଅ ସିମାକ୍ ବିନ୍ ଖରସା ଛିଡ଼ା ହେଲେ, ଏବଂ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଉକ୍ତ ତରବାରୀର ପ୍ରକୃତ କର୍ତବ୍ୟ ସମ୍ପାଦନ କରିବି । ହଜୁର ସ:ଆ:ସ ଏଥିରେ ତାହାର ଅଧିକାର ପ୍ରତି ସଚେତନ କରାଇ ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କୁ କହିଲେ, ଉକ୍ତ ତରବାରୀର କର୍ତବ୍ୟ ଏହି କି ଯେ, ତୁମେ ଉକ୍ତ ତରବାରୀରେ କୌଣସି ମୁସଲମାନକୁ ହତ୍ୟା କରିବ ନାହିଁ ଏବଂ କୌଣସି ଅବିଶ୍ୱାସକାରୀର ମୁକାବିଲା କଲାବେଳେ ସେଠାରୁ ପଳାୟନ କରିବ ନାହିଁ । ହଜ୍‌ରତ୍ ଜୁବୈର୍ ର:ଅ କୁହନ୍ତି ଏହାପରେ ରସୁଲୁଲ୍ଲାଃ ସ:ଆ:ସ ତାହା ତାଙ୍କୁ ପ୍ରଦାନ କଲେ ଏବଂ ସେ ଉକ୍ତ ତରବାରୀକୁ ଧରିବାପରେ ଯୁଦ୍ଧ ଭୂମିରେ ପଦାର୍ପଣ କଲେ । ସେତେବେଳେ ତାଙ୍କ ମୁଣ୍ଡରେ ନାଲି ରଙ୍ଗର ଏକ ରୁମାଲ ବନ୍ଧା ହୋଇଥିଲା । ହଜ୍‌ରତ୍ ଜୁବୈର୍ ର:ଅ କୁହନ୍ତି ମୁଁ କହିଲି ଆଜି ମୁଁ ଦେଖିବି ଯେ ଆଜି କିପରି ଉକ୍ତ ତରବାରୀର କର୍ତବ୍ୟ ସେ ସମ୍ପାଦନ କରୁଛନ୍ତି । ହଜ୍‌ରତ୍ ଜୁବୈର୍ ର:ଅ କୁହନ୍ତି ହଜ୍‌ରତ୍ ଅବୁ ଦୁଜାନା ର:ଅଙ୍କ ସମ୍ମୁଖକୁ ଶତୃ ପକ୍ଷରୁ ଯିଏ ବି ଆସିଲା ହଜ୍‌ରତ୍ ଅବୁ ଦୁଜାନା ର:ଅ ତାହାକୁ ନିପାତ କରିଦେଉଥିଲେ ତାହାର ସ୍କନ୍ଦଚ୍ୟୁତ କରି ଆଗକୁ ଅଗ୍ରସର ହେଉଥିଲେ । ଏପରି କି ସେ ସୈନ୍ୟଦଳର ମଧ ଦେଇ ଶତୃପକ୍ଷର ମହିଳାମାନଙ୍କ ନିକଟରେ ପହଂଚିଗଲେ । ଯେଉଁମାନେ ପର୍ବତର ପାଦଦେଶରେ ଢ଼ୋଲ ବଜାଉଥିଲେ ଓ ତନ୍ମଧ୍ୟରୁ ଜଣେ ମହିଳା ଏହି କବିତା ପାଠ କରୁଥିଲେ, ଯାହାର ଅନୁବାଦ ଏପରି ଅଟେ । ଆମେମାନେ ପ୍ରତ୍ୟୁଷ ତାରକାମାନଙ୍କର କନ୍ୟା ଅଟୁ, ଯେଉଁମାନେ ବାଦଲ ଉପରେ ଚାଲନ୍ତି ଯଦି ତୁମେ ଆଗକୁ ବଢ଼ିବାକୁ ଉଦ୍ୟମ କର ତେବେ ଆମେମାନେ ତୁମକୁ ଆଲିଙ୍ଗନ କରିବୁ ଏବଂ ବସିବା ନିମନ୍ତେ ତକିଆ ପକାଇବୁ ଏବଂ ଯଦି ତୁମେ ଆମକୁ ଛାଡ଼ି ପଳାୟନ କର ତେବେ ଆମେମାନେ ତୁମଠାରୁ ଅଲଗା ହୋଇଯିବୁ ତାହା ଏପରି ବିରହ ହେବ ଯାହା କି ଆମ ଓ ତୁମ ମଧ୍ୟରେ କୌଣସି ପ୍ରିତି ସର୍ମ୍ପକ ବାକି ରହିବ ନାହିଁ ।

ହଜ୍‌ରତ୍ ଜୁବୈର୍ ର:ଅ କୁହନ୍ତି ମୁଁ ଦେଖିଲି ହଜ୍‌ରତ୍ ଅବୁ ଦୁଜାନା ର:ଅ ଜଣେ ମହିଳା ଉପରେ ତରବାରୀ ଚାଳନା କରିବାକୁ ହାତ ଉଠାଇଲେ ଏବଂ ପରର୍ବତୀ ସମୟରେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan